# ଅଭ୍ୟାସ ପ୍ରଶ୍ନ

**ପଞ୍ଚମ  ଶ୍ରେଣୀ**  **ବିଷୟ : ଓଡ଼ିଆ**

## ମୌଖିକ ପ୍ରଶ୍ନ

**ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିମନ୍ତେ ସୂଚନା :**

- ଶିକ୍ଷକ/ଶିକ୍ଷୟିତ୍ରୀ, ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ  ଯେକୌଣସି ଏକ ଅନୁଚ୍ଛେଦ / କବିତାଟିକୁ ( ***ପାଠ୍ୟପୁସ୍ତକ ରେ ଥିବା ପ୍ରସଙ୍ଗ ଓ ପାଠ୍ୟପୁସ୍ତକ ବାହାର ପ୍ରସଙ୍ଗ*** )ପଢିବାକୁ ଦେବେ । ଉକ୍ତ ପଠନ ପରେ ଅନୁଚ୍ଛେଦ / କବିତା ତଳେ ଦିଆଯାଇଥିବା ପ୍ରଶ୍ନଗୁଡିକୁ ପଚାରିବେ ଓ ମୌଖିକ ଉତ୍ତର ଆଦାୟ କରିବେ ।
- ଶିକ୍ଷାର୍ଥୀମାନଙ୍କୁ ପାଠ୍ୟପୁସ୍ତକ  ବାହାର ପ୍ରସଙ୍ଗ ( ଅନୁଚ୍ଛେଦ , କବିତା , ଗପ , ପୋଷ୍ଟର ଆଦି ) ପଢିବାକୁ ଦେଇ ଅଭ୍ୟାସ  କରିବେ ।
- ଶିକ୍ଷକ/ଶିକ୍ଷୟିତ୍ରୀମାନେ ପାଠ୍ୟପୁସ୍ତକ ବାହାର ବିଭିନ୍ନ ପ୍ରକାର ଚିତ୍ର ଦେଇ, ଚିତ୍ର ସମ୍ପର୍କିତ ପ୍ରଶ୍ନ ପଚାରିବେ ।
- ବାର୍ଷିକ ପରୀକ୍ଷା ନିମନ୍ତେ ମୂଲ୍ୟାୟନ  ପାଇଁ ମାର୍ଗଦର୍ଶିକା  ରୂପରେଖ ଆଧାରରେ ଏହି ପ୍ରଶ୍ନଗୁଡିକ ପ୍ରସ୍ତୁତ କରାଯାଇଛି ।
- ଶିକ୍ଷକ/ଶିକ୍ଷୟିତ୍ରୀମାନେ ଏହି ପ୍ରଶ୍ନଗୁଡିକୁ ଶ୍ରେଣୀରେ ଅଭ୍ୟାସ କରି ବାର୍ଷିକ ପରୀକ୍ଷା ପାଇଁ ଶିକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତି କରିବେ। ପାଠ୍ୟପୁସ୍ତକର ବିଭିନ୍ନ ଅଧ୍ୟାୟରେ ଥିବା ପ୍ରଶ୍ନଗୁଡିକୁ ମଧ ଅଭ୍ୟାସ  କରାଇବେ ।
- ମୌଖିକ ପ୍ରଶ୍ନ ୧୦ ନମ୍ବର ବିଶିଷ୍ଟ ଅଟେ ।
- ପ୍ରତ୍ୟେକ ପ୍ରଶ୍ନ ଶିକ୍ଷଣ ଫଳାଫଳ ଆଧାରିତ ଅଟେ  ।

### ୧. ଅନୁଚ୍ଛେଦଟିକୁ ଉପଯୁକ୍ତ ବିରାମ ଚିହ୍ନ ସହ ପଢ । (୧ ନମ୍ବର )

**ଓଡିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଅବଦାନ ଅବିସ୍ମରଣୀୟ । ଓଡିଆ ଜାତିର ଏକ ଘଡିସନ୍ଧି ମୁହୂର୍ତ୍ତରେ ତାଙ୍କର ଜନ୍ମ । କ୍ଷଣଜନ୍ମା ପ୍ୟାରୀମୋହନଙ୍କ ଆୟୁ ସୀମା ଥିଲା ମାତ୍ର ତିରିଶ ବର୍ଷ। ଏହି ସ୍ୱଳ୍ପକାଳ ହେଉଛି ତାଙ୍କର ସଂଗ୍ରାମ ଓ ସାଧନାର ଜୀବନ । ସେ ଆନ୍ତରିକ ଭାବରେ ଉତ୍କଳକୁ ଭଲ ପାଉଥିଲେ । ସେ ନିଜର କରି ନେଇଥିଲେ ଉତ୍କଳର ଭାଷା ଓ ସଂସ୍କୃତିକୁ । ଫଳରେ ଉତ୍କଳରେ ଶିକ୍ଷାର ବିକାଶ , ସମାଜ କଲ୍ୟାଣ ଓ ଦେଶ ସେବା ନିମନ୍ତେ ନିଜକୁ ଉତ୍ସର୍ଗ କରି ଦେଇଥିଲେ ।**

**ନିମ୍ନ ପ୍ରଶ୍ନଗୁଡିକର ଉତ୍ତର କୁହ । ( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ )**

- ପ୍ୟାରୀମୋହନ କେତେ ବର୍ଷ ବଞ୍ଚିଥିଲେ ?
- ଓଡିଶାର କେଉଁ କ୍ଷେତ୍ରରେ ପ୍ୟାରୀମୋହନ ଆଚାର୍ଯ୍ୟଙ୍କର ଅବଦାନ ଥିଲା ?
- ପ୍ୟାରୀମୋହନଙ୍କର ଜୀବନକାଳ କିପରି ଥିଲା ?
- ପ୍ୟାରୀମୋହନ କାହାକୁ ଆପଣାର କରିନେଇଥିଲେ ?
- ପ୍ୟାରୀମୋହନଙ୍କୁ ଓଡିଶାବାସୀ କାହିଁକି ମନେ ରଖିଛନ୍ତି ?
- ଏହି ଅନୁଚ୍ଛେଦରେ 'ଓଡିଶା' ପାଇଁ କେଉଁ ଶବ୍ଦ ବ୍ୟବହାର କରାଯାଇପାରିବ ?
- ଓଡ଼ିଆ ଜାତିର ଘଡିସନ୍ଧି ମୁହୂର୍ତ୍ତରେ ତାଙ୍କର ଜନ୍ମ – ଏହା କାହିଁକି କୁହାଯାଇଛି ?
- ଯେପରି "ଅନ୍ତରରୁ" ଆନ୍ତରିକ , ସେହିପରି 'ସମାଜ'ରୁ କଣ ହେବ ?
- ତୁମେ ଓଡିଶା ପାଇଁ କଣ କରିପାରିବ ?

## ୨. ପଦଟିକୁ ପଢ ଓ ଆବୃତ୍ତି କର ।(୧ ନମ୍ବର )

**ବାରବାର ହୋଇ ଶୁଭୁଛି ଡାକ**

**"ହିରଣ୍ୟକ ହିରଣ୍ୟକ !**

**ମୂଷିକରାଜା ହେ ବନ୍ଧୁ ମୋର**

**ବେଗେ ଆସି ଆମ ଜୀବନ ରଖ" ।**

**ଶୁଣି ଏଇ ଡାକ ମୂଷିକରାଜ**

**ବାହାରକୁ ଆସି ହୋଇଲା ଉଭା**

**ଦଳବଳ ସହ କପୋତରାଜ**

**ଦଶା ଦେଖି ସେ ତ ହୋଇଲେ କାବା ।**

## ନିମ୍ନ ପ୍ରଶ୍ନଗୁଡିକର ଉତ୍ତର କୁହ । ( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ )

- କବିତାରେ "ହିରଣ୍ୟକ ହିରଣ୍ୟକ" ବୋଲି କାହାକୁ ସମ୍ବୋଧନ କରାଯାଇଛି ?
- କାହାର ଜୀବନ ବିପଦରେ ପଡ଼ିଥିଲା ?
- ଏହି କବିତାରେ "ଆମ ଜୀବନ ରଖ"- ଏ କଥା କିଏ କହିଛନ୍ତି ?
- ମୂଷିକରାଜା କାହିଁକି ବାହାରକୁ ଆସିଲେ ?

- କପୋତରାଜ ମୂଷିକରାଜାଙ୍କୁ କାହିଁକି ଡାକିଲେ ?
- ମୂଷିକରାଜା କାହିଁକି ଆଶ୍ଚର୍ଯ୍ୟ ହୋଇଗଲେ ?
- କବିତାରେ ବ୍ୟବହାର ହୋଇଥିବା 'ବାରବାର' ସ୍ଥାନରେ ତୁମେ କେଉଁ ଶବ୍ଦ ବ୍ୟବହାର କରିପାରିବ?
- "ମୂଷିକରାଜା ହେ ବନ୍ଧୁ ମୋର "- ଏଠାରେ 'ମୋର' କହିବାର ଉଦ୍ଦେଶ୍ୟ କଣ ହୋଇଥିବ ବୋଲି ତୁମେ ଭାବୁଛ?

## ୩ .ଚିତ୍ର ଦେଖି ପ୍ରଶ୍ନଗୁଡିକର ଉତ୍ତର କୁହ । ( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ )




- ଚିତ୍ରରେ ତୁମେ କଣ ସବୁ ଦେଖୁଛ ?
- ଏହା କେଉଁ ସମୟର ଦୃଶ୍ୟ ?
- ଏହା ଦିନ ବେଳର / ରାତିବେଳର ଦୃଶ୍ୟ କାହିଁକି ?
- ହରିଣମାନେ କଣ କରୁଛନ୍ତି ?
- ହରିଣମାନେ ଜଙ୍ଗଲରେ ଖୁସିରେ କିମ୍ବା ଭୟରେ ଅଛନ୍ତି କି ? କାହିଁକି
- ତୁମେ ଏହିଭଳି ଜଙ୍ଗଲକୁ ବୁଲିବାକୁ ଗଲେ, କଣ ସବୁ ଦେଖିବାକୁ ପାଇବ?

# ଲିଖିତ ପ୍ରଶ୍ନ

**ପଞ୍ଚମ ଶ୍ରେଣୀ** **ବିଷୟ : ଓଡ଼ିଆ**

**ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିମନ୍ତେ ସୂଚନା :**

- ଶିକ୍ଷକ/ଶିକ୍ଷୟିତ୍ରୀ, ନିୟମିତ ଶ୍ରେଣୀ କାର୍ଯ୍ୟ ସମୟରେ ଶିକ୍ଷାର୍ଥୀମାନଙ୍କୁ ପାଠ୍ୟପୁସ୍ତକରେ ଥିବା ପ୍ରସଙ୍ଗ ଓ ପାଠ୍ୟପୁସ୍ତକ ବାହାର ପ୍ରସଙ୍ଗ ( ଅନୁଚ୍ଛେଦ , କବିତା , ଗପ , ପୋଷ୍ଟର ଆଦି ) ପଢିବାକୁ ଦେବେ । ପଢିବା ପରେ ଅନୁଚ୍ଛେଦ ସମ୍ପର୍କିତ କେତେକ ପ୍ରଶ୍ନ ଦେଇ ଅଭ୍ୟାସ କରିବେ । ପ୍ରଶ୍ନଗୁଡିକ ସରଳରୁ ଜଟିଳ ହେବ -କାହିଁକି ଓ କିପରି ପ୍ରଶ୍ନ ମଧ ରହିବ ।
- ଶିକ୍ଷକ/ଶିକ୍ଷୟିତ୍ରୀ, ରଚନା , ପତ୍ର ଲିଖନ , ଦରଖାସ୍ତ , ନୋଟିସ ଆଦି ଲେଖିବାକୁ ଦେଇ ଅଭ୍ୟାସ କରାଇବେ। ବ୍ୟାକରଣ ମଧ ଅଭ୍ୟାସ କରାଇବେ।
- ଶିକ୍ଷାର୍ଥୀମାନଙ୍କର ପଠନ ଦକ୍ଷତା ( ପଢି ବୁଝିବା ) , ଲିଖନ ଦକ୍ଷତା , ଭାଷା ଜ୍ଞାନ ବୃଦ୍ଧି ନିମନ୍ତେ ବହି ରେ ଥିବା ଅଭ୍ୟାସ କାର୍ଯ୍ୟକୁ ନିୟମିତ କରିବା ସହିତ ବହି ବାହାର ପ୍ରଶ୍ନ ମଧ ଦେବେ । ଖବର କାଗଜ , ପୋଷ୍ଟର , ଆଦିକୁ ମଧ ବ୍ୟବହାର କରି ପ୍ରଶ୍ନ ପ୍ରସ୍ତୁତ କରି ଅଭ୍ୟାସ କରାଇବେ।
- ଲିଖିତ ପ୍ରଶ୍ନ ୪ ୦ ନମ୍ବର ବିଶିଷ୍ଟ ହେବ ।
- ଶିକ୍ଷକ/ଶିକ୍ଷୟିତ୍ରୀମାନେ ଏହି ପ୍ରଶ୍ନଗୁଡିକୁ ଶ୍ରେଣୀରେ ଅଭ୍ୟାସ କରି ବାର୍ଷିକ ପରୀକ୍ଷା ପାଇଁ ଶିକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତି କରିବେ। ପାଠ୍ୟପୁସ୍ତକର ବିଭିନ୍ନ ଅଧ୍ୟାୟରେ ଥିବା ପ୍ରଶ୍ନଗୁଡିକୁ ମଧ ଅଭ୍ୟାସ କରାଇବେ ।

## ୧. ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦକୁ ପଢ଼ ଓ ପ୍ରଶ୍ନଗୁଡିକର ଉତ୍ତର ଦିଅ ।

ଜାପାନରେ ରହଣି ସମୟରେ ସବୁଠୁ ମନଛୁଆଁ ଥିଲା ତା'ର ପରିଷ୍କାର ପରିଚ୍ଛନ୍ନତା ଓ ସବୁଜ ସୁନ୍ଦର ପରିବେଶ। ଘର ହେଉ ବା ବାହାର, ସ୍କୁଲ୍, ରାସ୍ତାଘାଟ ଅଥବା ଅଫିସ୍ କେଉଁଠି ହେଲେ ଟିକିଏ ଅଳିଆ ବା ଅଦରକାରୀ ଜିନିଷ ଫିଙ୍ଗାଫୋପଡ଼ା ହୋଇଥିବା ନଜରକୁ ଆସିଲା ନାହିଁ । ମନରେ ପ୍ରଶ୍ନ ଉଠୁଥାଏ, ଏମାନେ ତେବେ ଅଳିଆ ଆବର୍ଜନାକୁ କରନ୍ତି କ'ଣ ? ନଜର ପଡ଼ିଲା ହୋଟେଲ୍ ଲବିରେ ଥିବା ତିନୋଟି ଭିନ୍ନ ଭିନ୍ନ ରଙ୍ଗର ଅଳିଆ ପାତ୍ର ଉପରେ । ଗୋଟିଏ ସ୍ଥାନରେ ତିନୋଟି ଅଳିଆ ପାତ୍ର ଦେଖି ଏହାର କାରଣ କିଛି ବୁଝିପାରିଲି ନାହିଁ। ଆମ ସହ ଥିବା ଜାପାନୀ ସଂଯୋଜିକା ସୋମା ସାନ୍‌ଙ୍କୁ ଏ ବିଷୟରେ ପଚାରିଲି । ସେ ମୋର ଆଗ୍ରହ ଦେଖି କହିଲେ, " ଆପଣ ଯେଉଁ ସବୁଜ ରଙ୍ଗର ଡଷ୍ଟବିନ୍‌ଟି ଦେଖୁଛନ୍ତି ସେଥିରେ ଦାହ୍ୟ ବର୍ଜ୍ୟବସ୍ତୁ ପକାଯାଏ । ଲାଲ ରଙ୍ଗର ଡଷ୍ଟବିନ୍‌ରେ ଅଦାହ୍ୟ ବର୍ଜ୍ୟବସ୍ତୁ ଓ ନୀଳ ରଙ୍ଗର ଡଷ୍ଟବିନ୍‌ରେ ପୁନଃଚକ୍ରଣ ଯୋଗ୍ୟ ବର୍ଜ୍ୟବସ୍ତୁ ପକାଯାଏ"।

**ନିମ୍ନ ପ୍ରଶ୍ନଗୁଡିକର ଉତ୍ତର ଲେଖ । ( ୧ ନମ୍ବର x ୨ଟି ପ୍ରଶ୍ନ =୨ )**

କ. ଜାପାନୀ ସଂଯୋଜିକାଙ୍କ ନାମ କଣ ଥିଲା ?

-----------------------------------------------------------------------------------------

ଖ. ନୀଳ ରଙ୍ଗର ଡଷ୍ଟବିନ୍‌ରେ କେଉଁ ପ୍ରକାର ବର୍ଜ୍ୟବସ୍ତୁ ପକାଯାଏ ?

-----------------------------------------------------------------------------------------

**ନିମ୍ନ ପ୍ରଶ୍ନଗୁଡିକର ଉତ୍ତର ଲେଖ । ( ୩ ନମ୍ବର x ୨ଟି ପ୍ରଶ୍ନ = ୬ ) -ଉତ୍ତର ୨୦-୩୦ ଶବ୍ଦ ମଧ୍ୟରେ ରହିବ।**

କ . ଜାପାନୀମାନେ ବିଭିନ୍ନ ପ୍ରକାର ଡଷ୍ଟବିନ୍ ବ୍ୟବହାର କାହିଁକି କରୁଥିଲେ ?

-----------------------------------------------------------------------------------------

ଖ . ମନରେ ପ୍ରଶ୍ନ ଉଠୁଥାଏ, ଏମାନେ ତେବେ ଅଳିଆ ଆବର୍ଜନାକୁ କରନ୍ତି କ'ଣ ?-ଲେଖକ ଏପରି କହିବାର କାରଣ କଣ?

-----------------------------------------------------------------------------------------

**ଶୂନ୍ୟସ୍ଥାନ ପୂରଣ କର । (୧ x ୨ =୨ )**

- ଭିନ୍ନ ଭିନ୍ନ" ପରି ଆଉ ଦୁଇଟି ଶବ୍ଦ ଲେଖ । ---------------------, -----------------------
- ଅଦରକାରୀ ର ବିପରୀତ ଶବ୍ଦ ଲେଖି ବାକ୍ୟଗଠନ କର ।

  ---------------------------------------------------------------------------------

## ୨. ନିମ୍ନରେ ଦିଆଯାଇଥିବା କବିତାକୁ ପଢ଼ ଓ ପ୍ରଶ୍ନଗୁଡିକର ଉତ୍ତର ଦିଅ ।

ଝିଣ୍ଟିକା ଡାକେ ପିମ୍ପୁଡ଼ି ଭାଇ

ଖେଳିବା ଆସ ଖେଳ

ପିମ୍ପୁଡ଼ି କହେ କାମ କରୁଛି

ନାହିଁ ମୋହର ବେଳ।।

ଘରଖଣ୍ଡିଏ ସଜାଡ଼ି ଦେଇ

ଖାଦ୍ୟ ରଖିଲେ ସଞ୍ଚି

ବରଷା ଦିନ ସାରାଟା ମୁଁ

ଖୁସିରେ ଯିବି ବଞ୍ଚି ।।

- **ନିମ୍ନ ପ୍ରଶ୍ନଗୁଡିକର ଉତ୍ତର ଲେଖ । ( ୧ x ୨ =୨ )**

 କ. କବିତାରେ କିଏ କିଏ କଥା ହେଉଛନ୍ତି ?

--------------------------------------------------------------------------------

ଖ. .“କାମ କରୁଛି”- କବିତାରେ ଏ କଥା କିଏ କହିଛି ?

--------------------------------------------------------------------------------

- **ନିମ୍ନ ପ୍ରଶ୍ନଗୁଡିକର ଉତ୍ତର ଲେଖ । ( ୩ x ୧ =୩ )**

 କ. ଏହି କଥା କିଏ, କାହାକୁ ଓ କାହିଁକି କହିଛି?

“ ବରଷା ଦିନ ସାରାଟା ମୁଁ,

ଖୁସିରେ ଯିବି ବଞ୍ଚି”

--------------------------------------------------------------------------------
--------------------------------------------------------------------------------

ଖ. କବିତାରେ ଥିବା ଚରିତ୍ରଗୁଡିକ ମଧ୍ୟରୁ ତୁମେ କାହାକୁ ଅଧିକ ପସନ୍ଦ କରୁଛ ,କାହିଁକି ? **( ୨ x ୧ =୨) : (୨ ନମ୍ବର ବିଶିଷ୍ଟ ପ୍ରଶ୍ନଗୁଡିକର ଉତ୍ତର ୧ ୦-୨୦ ଶବ୍ଦ ମଧ୍ୟରେ ରହିବ )**

--------------------------------------------------------------------------------
--------------------------------------------------------------------------------

## ୩ . ନିମ୍ନ ପୋଷ୍ଟରଟିକୁ ଦେଖ ଓ ପ୍ରଶ୍ନଗୁଡିକର ଉତ୍ତର ଲେଖ ।




କ. ପୋଷ୍ଟରରେ ବ୍ୟକ୍ତିଗତ ପରିଚ୍ଛନ୍ନତା ପାଇଁ କେଉଁ ସବୁ କଥା କୁହାଯାଇଛି? **(୨ x ୧ =୨ )**

-----------------------------------------------------------------------------------
-----------------------------------------------------------------------------------

(ଖ) "ସ୍ୱଚ୍ଛ ରୁହନ୍ତୁ ..... ସୁସ୍ଥ ରୁହନ୍ତୁ" ! – ଏହି କଥା କାହିଁକି କୁହାଯାଇଛି ? **(୩ x ୧ =୩ )**

-----------------------------------------------------------------------------------
-----------------------------------------------------------------------------------

ଗ.) ନିଜ ପରିବେଶ ପରିଷ୍କାର ରଖିବା ପାଇଁ ତୁମେ କଣ କରିବ? **(୨ x ୧ =୨ )**

-----------------------------------------------------------------------------------
-----------------------------------------------------------------------------------

## ୪ . ନିମ୍ନରେ ଦିଆଯାଇଥିବା ସୂଚନାକୁ ପଢ଼ ଓ ପ୍ରଶ୍ନଗୁଡିକର ଉତ୍ତର ଲେଖ ।




କ. ମାଣ୍ଡିଆ ଚକୁଳି ପିଠା ପ୍ରସ୍ତୁତି ପାଇଁ କେଉଁ ସବୁ ସାମଗ୍ରୀ ଆବଶ୍ୟକ ? **(୨ x ୧ =୨ )**

------------------------------------------------------------------------------------

------------------------------------------------------------------------------------

ଖ. ମାଣ୍ଡିଆକୁ ପୁଷ୍ଟିକର କାହିଁକି କୁହାଯାଇଛି ? **(୩ x ୧ =୩ )**

------------------------------------------------------------------------------------

------------------------------------------------------------------------------------

------------------------------------------------------------------------------------

ଗ. ମାଣ୍ଡିଆକୁ ବ୍ୟବହାର କରି ଆଉ କେଉଁ ସବୁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଇପାରିବ ? **(୨ x ୧ )**

------------------------------------------------------------------------------------

------------------------------------------------------------------------------------

## ୫. ନିମ୍ନରେ ଦିଆଯାଇଥିବା ସୂଚନାକୁ ପଢ଼ ଓ ପ୍ରଶ୍ନଗୁଡିକର ଉତ୍ତର ଲେଖ ।




କ. ଏହି ପୋଷ୍ଟର ରୁ ତୁମେ ପୁସ୍ତକ ମହୋତ୍ସବ ବିଷୟରେ କେଉଁ ସବୁ ତଥ୍ୟ ପାଉଛ ? (ଯେକୌଣସି ଚାରୋଟିର) (୨ x ୧ =୨ )

-----------------------------------------------------------------------------------
-----------------------------------------------------------------------------------

ଖ. " ୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ୨୦୨୫ " କହିଲେ ତୁମେ କ'ଣ ବୁଝୁଛ ? **(୩ x ୧ =୩ )**

-----------------------------------------------------------------------------------
-----------------------------------------------------------------------------------

-----------------------------------------------------------------------------------

ଗ. ତୁମକୁ କେଉଁ ବହି ପଢିବାକୁ ଭଲ ଲାଗେ ଓ କାହିଁକି ? (୨ x ୧ )

-----------------------------------------------------------------------------------

-----------------------------------------------------------------------------------

## ୫ . ତଳ ନୋଟିସକୁ ପଢି ପ୍ରଶ୍ନଗୁଡିକର ଉତ୍ତର ଲେଖ ।

**ନୋଟିସ ନମ୍ବର – ୧୨**

**ତାରିଖ : ୦୫ /୧୨ /୨୦୨୫** **ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ , ବରପାଲୀ**

ଏତତ ଦ୍ୱାରା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ଜଣାଇ ଦିଆଯାଇଛି ଯେ , ତା ୧୯. ୧୨ .୨୦୨୫ ରିଖ ଓ ତା ୨୦. ୧୨ . ୨୦୨୫ ରିଖରେ ଦୁଇଦିନ ଧରି ଆମ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଅଛି । ଏଥିନିମନ୍ତେ ପ୍ରଥମରୁ ପଞ୍ଚମ ଶ୍ରେଣୀ (କନିଷ୍ଠ) ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ (ବରିଷ୍ଠ ) ବିଭାଗରେ ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇପାରିବେ । ପ୍ରତ୍ୟେକ ଛାତ୍ରଛାତ୍ରୀ ଅତି ବେଶୀରେ ଚାରୋଟି ଖେଳରେ ଅଂଶଗ୍ରହଣ କରିପାରିବେ । ଏଥିପାଇଁ ଶ୍ରେଣୀ ଶିକ୍ଷକଙ୍କ ନିକଟରେ ନିଜର ନାମ ତା ୧୦ . ୧୨ . ୨୦୨୫ ରିଖ ସୁଦ୍ଧା ପଞ୍ଜୀକରଣ କରିବାକୁ ଜଣାଇଦିଆଯାଉଛି । ନିର୍ଦ୍ଧାରିତ ତାରିଖ ପରେ ନାମ ପଞ୍ଜୀକରଣ କଲେ ଗ୍ରହଣ କରାଯିବ ନାହିଁ ।

**"ଇତି"**

**ପ୍ରଧାନ ଶିକ୍ଷକ**

ବି . ଦ୍ର :- କ୍ରୀଡା ପ୍ରତିଯୋଗିତାଗୁଡିକର ନାମ ଶ୍ରେଣୀ ଶିକ୍ଷକଙ୍କ ପାଖରେ ଉପଲବ୍ଧ ।

**ନିମ୍ନ ପ୍ରଶ୍ନଗୁଡିକର ଉତ୍ତର ଲେଖ ।**

(କ) ଏହି ନୋଟିସରୁ କେଉଁ ସବୁ ସୂଚନା ମିଳୁଛି ?**(୨ x ୧ =୨ )**

---------------------------------------------------------------------------------

ଖ)ଏହି ନୋଟିସଟି ଶିକ୍ଷାର୍ଥୀମାନଙ୍କ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ? ତିନୋଟି କାରଣ ଲେଖ । **( ୩ x ୧ =୩ )**

---------------------------------------------------------------------------------

---------------------------------------------------------------------------------

ଗ)ତୁମର ଦୁଇଜଣ ସାଙ୍ଗ ରାଜୁ ଓ ମିତା । ସେ ଦୁହେଁ ଭଲ ଖେଳନ୍ତି । କିନ୍ତୁ ନୋଟିସ ପଢ଼ିନାହାନ୍ତି । ତୁମେ ସେମାନଙ୍କୁ କେଉଁ ସବୁ ସୂଚନା ଜଣାଇଲେ , ସେମାନେ ଖେଳରେ ଭାଗ ନେଇପାରିବେ ? **(୨ x ୧ =୨ )**

---------------------------------------------------------------------------------

---------------------------------------------------------------------------------

## ୬ . ଯେ କୌଣସି ଗୋଟିଏ ପ୍ରସଙ୍ଗକୁ ନେଇ ଅନୁଚ୍ଛେଦ ଲେଖ । ( ୫ x ୧ =୫ )

- ତୁମେ ଦେଖିଥିବା ଗୋଟିଏ ସ୍ଥାନ
- ତୁମ ବିଦ୍ୟାଳୟରେ ଗଣତନ୍ତ୍ର ଦିବସ ପାଳନ
- ପରିବେଶ ସୁରକ୍ଷା

## ୭ . ଦରଖାସ୍ତ ଲେଖ । ( ୫ x ୧ =୫ ) : (ଉତ୍ତର ୫୦ -୬୦ ଶବ୍ଦ ମଧ୍ୟରେ ରହିବ । )

ତୁମେମାନେ ଗଜପତି ଜିଲ୍ଲା ଅନ୍ତର୍ଗତ ଛେଲିଗଡ ଗ୍ରାମର ବାସିନ୍ଦା । ତୁମ ଗ୍ରାମରେ ହଇଜା ବ୍ୟାପିବାର ସମ୍ଭାବନା ଅଛି । ପ୍ରତିକାର ନିମନ୍ତେ ସ୍ୱାସ୍ଥ୍ୟ ବିଭାଗକୁ ଦରଖାସ୍ତ ଲେଖ ।

ମାନନୀୟ ,

ଶ୍ରୀଯୁକ୍ତ ______________________

______________________

ମହାଶୟ,

ବିନୀତ ଭାବରେ ଜଣାଉଛୁ କି ,----------------------------------------------------

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

---------------------------------------------------------------------------------

---------------------------------------------------------------------------------

---------------------------------------------------------------------------------

---------------------------------------------------------------------------------

---------------------------------------------------------------------------------

ଏଣୁ ବିନୀତ ଭାବରେ ପାର୍ଥନା କରୁ କି ଆପଣ ଯଥାବିଧି ପ୍ରତିକାର ବ୍ୟବସ୍ଥା ଗ୍ରହଣ କଲେ ଛେଳିଗଡ ଗ୍ରାମବାସୀ ଉପକୃତ ହେବେ ।

"ଇତି"

ସ୍ଥାନ ଆପଣଙ୍କର ବିଶ୍ୱସ୍ତ

ତାରିଖ

________________

________________

________________

**୮ . କ . ତୁମେ ପଢିଥିବା / ଶୁଣିଥିବା ଗୋଟିଏ ଗପ / କବିତାକୁ ଲେଖ ।( ଅତି କମ୍ ରେ ୫ ଟି ବାକ୍ୟ / ପଦ ) ( ୫ x ୧ =୫ )**

**କିମ୍ବା**

**ବନ୍ଧନୀ ମଧ୍ୟରେ ଥିବା ଶବ୍ଦଗୁଡିକୁ ନେଇ ଏକ ଅନୁଚ୍ଛେଦ ଲେଖ । ( ବଗିଚା , ଫୁଲଗଛ , ବିଦ୍ୟାଳୟ , ଖେଳପଡ଼ିଆ , ପାଠପଢା , ସାଙ୍ଗସାଥି )**

**୯ . ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକରୁ ଠିକ୍ ବାକ୍ୟଟିକୁ ବାଛି ଲେଖ ।( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।)**

- ସଞ୍ଜୟ କହିଲା, କିନ୍ତୁ ବାପା ଗଲେ ନାହିଁ ।
- ମୁଁ କହିଲା , କିନ୍ତୁ ବାପା ଗଲେ ନାହିଁ ।
- ଆପଣ କହିଲା , କିନ୍ତୁ ବାପା ଗଲେ ନାହିଁ ।
- ତୁମେ କହିଲା , କିନ୍ତୁ ବାପା ଗଲେ ନାହିଁ ।

---

**୧୦ . ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକରୁ ଠିକ୍ ବାକ୍ୟଟିକୁ ବାଛି ଲେଖ । ( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।)**

- ମୁଁ ନିଶ୍ଚୟ ସେନାବାହିନୀରେ ଯୋଗ ଦେବ।
- ଆପଣ ନିଶ୍ଚୟ ସେନାବାହିନୀରେ ଯୋଗ ଦେବ।
- ସେମାନେ ନିଶ୍ଚୟ ସେନାବାହିନୀରେ ଯୋଗ ଦେବ।
- ରବି ନିଶ୍ଚୟ ସେନାବାହିନୀରେ ଯୋଗ ଦେବ।

---

**୧୧ . ଠିକ୍ ଉତ୍ତରକୁ ବାଛି ଲେଖ । ( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।)**

କ )ତୃଟି , ତ୍ରୁଟି , ତ୍ରୁଟୀ , ତୃଟୀ ---------------------------

ଖ )ବିଶ୍ୱସ୍ଥ , ବିସ୍ୱସ୍ତ , ବିଶ୍ୱସ୍ତ , ବିଷ୍ୱସ୍ତ ------------------------------

**୧୨ . ଦିଆଯାଇଥିବା ବାକ୍ୟଟିକୁ ବନ୍ଧନୀ ମଧ୍ୟରେ ନିର୍ଦ୍ଦେଶ ଅନୁସାରେ ଲେଖ ।( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।)**

(କ)<u>ଶିକ୍ଷକ</u> ଆମକୁ ଉପଦେଶ ଦେଲେ । (ରେଖାଙ୍କିତ ପଦର 'ବଚନ' ପରିବର୍ତ୍ତନ କରି ବାକ୍ୟଟିକୁ ଆଉ ଥରେ ଲେଖ। )

--------------------------------------------------------------------------------

(ଖ )ସେ କଦାପି ମିଛ କୁହେ ନାହିଁ । (ବାକ୍ୟରେ ଥିବା 'କର୍ତ୍ତାପଦ'କୁ ଚିହ୍ନଟ କରି ଲେଖ । )

-----------------------------------------------------------------------------------

**୧୩ . ବନ୍ଧନୀ ମଧ୍ୟରୁ ଉପଯୁକ୍ତ ପଦ ବାଛି ବାକ୍ୟ ପୂରଣ କର । ( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।)**

କ ) ମୁଁ __ ଯିବି ତେବେ ତୋ ପାଇଁ ପୋଷାକ ଆଣିବି ।   ( ମଧ୍ୟ, ଯଦି )

(ଖ ) ବନ୍ୟାରେ ___ ନଷ୍ଟ ହୋଇଗଲା ।     ( ଫସଲମାନେ , ସବୁ ଫସଲ )

**୧୪ . ଏକ ପଦରେ ପ୍ରକାଶ କର । ( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।)**

(କ)ଯାହା ବୁଝି ହୁଏ ନାହିଁ । -----------------

(ଖ)ଯାହା ସହି ହୁଏ ନାହିଁ । ------------------------

**୧୫. ତଳେ ଦିଆଯାଇଥିବା ଶବ୍ଦଗୁଡିକର ସମାନ ଅର୍ଥ ବୁଝାଉଥିବା ଆଉ ଗୋଟିଏ ଲେଖାଏଁ ଶବ୍ଦ ଲେଖ ।  ( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।)**

(କ)ପାରାବାର : --------------

(ଖ)ପୃଥିବୀ : --------------

**୧୬ . ତଳେ ଦିଆଯାଇଥିବା ବାକ୍ୟକୁ ପଢି ଆବଶ୍ୟକ ସ୍ଥଳରେ ଉପଯୁକ୍ତ ବିରାମ ଚିହ୍ନ ଦିଅ । ( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।)**

(କ ) ସରକାର ମତେ ଯଦି ଇଂରେଜ ବଡଲାଟ ପଦବୀ ଦିଅନ୍ତି ତାକୁ ମୁଁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ କି ନିସ୍ୱାର୍ଥ ଓ ତ୍ୟାଗପୂତ ଜୀବନ ଏହା କଣ ସାଧାରଣ ମଣିଷ ପକ୍ଷରେ ସମ୍ଭବ ହୋଇପାରେ

---

-----------------------------------------------------------------------------------------

ଖ ) ମେକରଣଙ୍କ କଥା ଶୁଣି ରାଜା କହିଲେ "ହେ ସନ୍ନ୍ୟାସୀ ମୁଁ ଆପଣଙ୍କୁ କଥା ଦେଉଛି ଆଜିଠାରୁ ଏହି ଅଞ୍ଚଳରେ ଆଉ କେହି କୌଣସି ପ୍ରାଣୀଙ୍କୁ ଶିକାର କରିବେ ନାହିଁ"

---

-----------------------------------------------------------------------------------------

# Practice Questions

## Class V  Subject : English

## Oral Questions

**Instruction to the teacher:**

- These practice questions have been developed in accordance with the Assessment Framework.
- The teacher will ask each student the following questions.
- The teacher will ask the students to recite different poems and ask questions related to the poem
- The teacher will show different pictures and ask questions.
- All the questions are learning outcome-based.
- The oral question carries 10 marks in the examination.

### 1. Recitation of the Poem and associated task.

a) Recite any one poem from the textbook (two lines) – 1 mark

b) Ask any one question relating to the poem – 1 mark

c) Ask for any one rhyming word, like feet – street, sun -run, school – pool , green –clean (1mark)

### 2. Answer the following questions. (1x3=3)

i) Who is the head of your family?

ii) What do you like to eat for lunch?

iii) Who cooks food at your home?

### 3. Answer the following questions. ( 1x4=4)

i) I have one eye but cannot see. Who am I?

ii) I have many teeth, but cannot bite. Who am I?

iii) I have a tail and a head. But I am nobody. Who am I?

iv) I have cities, but no houses. I have a forest but no trees, and rivers but no water. Say, who am I?

## 4. Answer the following questions. (1x4=4)

i) Say one thing you get from trees.

ii) Say one thing you use on a rainy day.

iii)Say the name of a red flower.

iv) How do you come to school every day?

## 5. Tell three words related to the school. (3mark)

## 6. Look at the picture and say three words. (3 mark)



# Written Questions

**Class V** **Subject : English**

**Instruction to the teacher :**

- These practice questions have been developed in accordance with the Assessment Framework prepared for the Annual examination.
- The paragraphs/poems/pictures have been taken from both the textbook and outside the textbook.
- The teachers will prepare a variety of questions and practise with the students. They will ensure that all practice work in the textbook is completed.
- The written question carries 40 marks in the examination.

## 1. Read the following passage and answer the questions that follow.

On a pleasant Monday morning, Rinky went to the city zoo. She saw many animals, like lions, elephants, bears, tigers and giraffes. She also saw birds like peacocks, colourful parrots and pigeons. While visiting, she met her friend, Kabi, at a café inside the zoo. They talked about the amazing animals and birds they had seen. They shared their thoughts and decided to visit the zoo again.

i) Where did Rinky go on Monday morning? (1 mark)

-----------------------------------------------------------------------------------

ii) Who did Rinky meet while visiting the zoo? **(**1 mark)

-----------------------------------------------------------------------------------

iii)Who was Kabi?**(**1 mark)

-----------------------------------------------------------------------------

iv) Where did they meet?**(**1 mark)

-----------------------------------------------------------------------------

v) Which animals and birds did she see at the zoo? (at least four)(2 marks)

-----------------------------------------------------------------------------------------------

vii)Why did they decide to visit the zoo again? ( 2 marks)

-----------------------------------------------------------------------------------------------

-----------------------------------------------------------------------------------------------

vii)What did Rinky and Kabi talk about? ( 2 marks)

----------------------------------------------------------------------------------

----------------------------------------------------------------------------------

1. Write the opposite words. ( 1x3=3)

   near -----------

   friend --------------

   after -------------

## 2.Read the poem and answer the questions that follow.

There was a monkey from Riger,
   Who rode on a tiger.
They returned from the ride,
   With the monkey inside.
And the smile on the face of the tiger,
   There was a monkey from Riger.

**Fill in the blanks with words from the poem. (1x4=4)**

There was a _________from Riger,
Who ___________on a tiger.
They returned from the _________
With the monkey inside.
And the smile on the ______of the tiger.

**Answer the questions given below. (each carries 2 marks)**

**a)** What does "they" stand for?

-------------------------------------------------------------------------------------

b) Why was the tiger smiling?

----------------------------------------------------------------------------------------

c)How do you know "Riger" is the name of a place?

-----------------------------------------------------------------------------------------

-----------------------------------------------------------------------------------------

**Answer the questions given below.**

a. Write a rhyming word for each of the following words. ( 1x2=2)
Riger --------------
ride----------------
b. Write the opposite word of 'inside' ------------------ ( 1mark)

## 3.Read the paragraph and answer the following questions.

I wake up early in the morning. After waking up, I brush my teeth to keep them clean, stop bad smell, and make them strong and healthy. Then, I take my breakfast to get energy for the day. Keeping clean is very important because it keeps germs away, makes us feel fresh, and helps us stay healthy. Doing exercise every day is good for our body. It makes us strong, keeps us healthy, and helps us stay active and fit.

**Rearrange the sentences and write them in right order. (1x3=3marks)**

a) I brush my teeth.
b) I take my breakfast.
c) I wake up early in the morning.

**Answer the following questions. (3x3=9marks)**

a) Why do you brush your teeth every day?
---------------------------------------------------------------------------------------------------
---------------------------------------------------------------------------------------------------
b) Write three benefits of cleanliness?
---------------------------------------------------------------------------------------------
---------------------------------------------------------------------------------------------

c)How is exercise good for health?
---------------------------------------------------------------------------------------------
---------------------------------------------------------------------------------------------

**Write a sentence using any one of the following words.** (2 marks)
morning , help , strong

---------------------------------------------------------------------------------------

## 4. Read the paragraph and answer the following questions.

Anand and his sister decided to prepare a small vegetable garden in their backyard. First, they dug the soil and removed the weeds. Then they sowed tomato, brinjal, and bean seeds. Then, they watered the seeds every day and watched them grow. Soon, small plants appeared, and after a few weeks, vegetables were ready to pick. Anand and his sister were very proud of their garden.

- **Rearrange the sentences and write them in right order.** (1x3=3marks)

a) They sowed seeds of tomatoes, brinjals, and beans.
b) They watered the seeds every day.
c) They dug the soil and removed weeds.

**Answer the following questions. (3x3=9 marks)**

a)What did Anand and his sister decide to do?

-----------------------------------------------------------------------------------------------

-----------------------------------------------------------------------------------------------

b) How did they take care of the plants?

-------------------------------------------------------------------------------------------

-----------------------------------------------------------------------------------------------

c)Why were they proud at the end?

---------------------------------------------------------------------------------------------

-------------------------------------------------------------------------------------------

- **Write two words related to "Tree" (2 marks)**




## 5. Fill in the blanks using the appropriate words given in brackets.

(in, over, under)

a) The pen is ______ the packet.
b) The cat is _____ the bed.
c)The sun is ______ our head.

**6. Write the first or the present form of the following action words.**

a) made -

b) went -

c) ate-

**5. a) Write a paragraph in five sentences using the words given in the box. ( 5 marks)**

| **forest , tortoise, rabbit, won, race** |
|---|

**b) Look at the picture and write five sentences. ( 5 marks)**



## 6. a)Write a paragraph in five sentences using the words given in the box. ( 5 marks)

| **School, garden, playground, friends, teacher, fun** |
|---|

## b) Look at the picture given below and complete the sentences using the correct words. ( 5 marks)



This is the picture of a ___________. Its colour is ___________. It has___________ears. It has ______tail.

# ଅଭ୍ୟାସ ପ୍ରଶ୍ନ

**ଶ୍ରେଣୀ : ପଞ୍ଚମ** **ବିଷୟ : ପରିବେଶ ଅଧ୍ୟୟନ(ବିଜ୍ଞାନ)**

## ମୌଖିକ ପ୍ରଶ୍ନ

**ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ନିମନ୍ତେ ସୂଚନା :**

- ଚଳିତ ଶିକ୍ଷା ବର୍ଷ (୨୦୨୫-୨୦୨୬) ରେ ପଞ୍ଚମ ଶ୍ରେଣୀର ବାର୍ଷିକ ପରୀକ୍ଷା ନିମନ୍ତେ 'ପରିବେଶ ଅଧ୍ୟୟନ (ବିଜ୍ଞାନ)' ବିଷୟ ପାଇଁ ପ୍ରସ୍ତୁତ କରାଯାଇଥିବା ମୌଖିକ ପ୍ରଶ୍ନ ବ୍ୟାଙ୍କକୁ ଆଧାର କରି ଏହି ଅଭ୍ଯାସ ପ୍ରଶ୍ନ ପ୍ରସ୍ତୁତ କରାଯାଇଛି ।
- ଅଭ୍ଯାସ ପ୍ରଶ୍ନ ପ୍ରସ୍ତୁତି ସମୟରେ ମାର୍ଗଦର୍ଶିକା ଅନୁଯାୟୀ SA-1 ର ପୂର୍ବରୁ ପଢାଯାଇଥିବା ପ୍ରସଙ୍ଗ ଏବଂ SA-1 ପରେ ପଢାଯାଇଥିବା ପ୍ରସଙ୍ଗର ପ୍ରଶ୍ନ ପ୍ରସ୍ତୁତ କରାଯାଇଛି । ଏଥି ସହିତ ଜ୍ଞାନାତ୍ମକ, ବୋଧାତ୍ମକ ଓ ପ୍ରୟୋଗାତ୍ମକ ପ୍ରଶ୍ନଗୁଡିକୁ ଯଥାକ୍ରମେ ୩୦% ,୪୦% ଏବଂ ୩୦% ଅନୁପାତରେ ପ୍ରସ୍ତୁତ କରାଯାଇଛି ।
- ଏହି ଅଭ୍ୟାସ ପ୍ରଶ୍ନଗୁଡ଼ିକ ଶିକ୍ଷଣ ଫଳାଫଳ ଆଧାରିତ।
- ଶିକ୍ଷକ/ଶିକ୍ଷୟିତ୍ରୀମାନେ ଏହି ପ୍ରଶ୍ନଗୁଡିକୁ ଶ୍ରେଣୀରେ ଅଭ୍ୟାସ କରି ବାର୍ଷିକ ପରୀକ୍ଷା ପାଇଁ ଶିକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତି କରିବେ। ପାଠ୍ୟପୁସ୍ତକର ବିଭିନ୍ନ ଅଧ୍ୟାୟରେ ଥିବା ପ୍ରଶ୍ନଗୁଡିକୁ ମଧ୍ଯ ଅଭ୍ୟାସ କରାଇବେ।
- ମୌଖିକ ପ୍ରଶ୍ନ ୫ ନମ୍ବର ବିଶିଷ୍ଟ ହେବ ।

## ଉତ୍ତର କୁହ । ( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ )

୧. ମଶା ଦ୍ୱାରା ବ୍ୟାପୁଥିବା ଗୋଟିଏ ରୋଗର ନାମ କୁହ ।

୨. ମୃତ୍ତିକା କ୍ଷୟ ରୋକିବାର ଗୋଟିଏ ଉପାୟ କୁହ ।

୩. (ବହିର ୧୪୨ ପୃଷ୍ଠାର ଶେଷ ଚିତ୍ର ଦେଖାଇ) ଏହା କେଉଁ ଦୁର୍ଘଟଣାର ପ୍ରାଥମିକ ଚିକିତ୍ସା?

୪. ଶୀତ ତାପ ନିୟନ୍ତ୍ରଣ ଯନ୍ତ୍ରରୁ ବାହାରୁଥିବା କେଉଁ ଗ୍ୟାସ ବାୟୁକୁ ଦୂଷିତ କରେ?

୫. ତୁମ ସାଙ୍ଗକୁ ରିକେଟସ ରୋଗ ନହେବା ପାଇଁ କେଉଁ ଭିଟାମିନ ଖାଇବା ପାଇଁ ପରାମର୍ଶ ଦେବ?

୬. ତୁମେ ବିଦ୍ୟାଳୟକୁ ଗଲାବାଟରେ ପାଣି କଳଟି ଭାଙ୍ଗି ପାଣି ବହୁଥିବାର ଦେଖିଲ। ଏହି ପରିସ୍ଥିତିରେ ତୁମେ କେଉଁ ପଦକ୍ଷେପ ନେବ?

୭. ଓଡିଶାରେ ଅବସ୍ଥିତ ଗୋଟିଏ ଜଳ ବିଦ୍ୟୁତ ପ୍ରକଳ୍ପର ନାମ କୁହ ।

୮. ବ୍ୟାଟେରୀରେ କେଉଁ ଶକ୍ତି ନିହିତ ଥାଏ?

୯. ବର୍ତ୍ତମାନ ଜମିର ଉର୍ବରତା କମିଯିବାର କାରଣ କ'ଣ ?

୧୦. ଆଜିକାଲି ଲୋକମାନେ ସୁବିଧାରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ କିଭଳି ଯାଇପାରୁଛନ୍ତି ?

# ଲିଖିତ ପ୍ରଶ୍ନ

**ଶ୍ରେଣୀ : ପଞ୍ଚମ** **ବିଷୟ : ପରିବେଶ ଅଧ୍ୟୟନ(ବିଜ୍ଞାନ)**

**ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ନିମନ୍ତେ ସୂଚନା :**

- ଚଳିତ ଶିକ୍ଷା ବର୍ଷ (୨୦୨୫-୨୦୨୬) ରେ ପଞ୍ଚମ ଶ୍ରେଣୀର ବାର୍ଷିକ ପରୀକ୍ଷା ନିମନ୍ତେ 'ପରିବେଶ ଅଧ୍ୟୟନ (ବିଜ୍ଞାନ)' ବିଷୟ ପାଇଁ ପ୍ରସ୍ତୁତ କରାଯାଇଥିବା ପ୍ରଶ୍ନ ବ୍ୟାଙ୍କକୁ ଆଧାର କରି ଏହି ଅଭ୍ଯାସ ପ୍ରଶ୍ନ ପ୍ରସ୍ତୁତ କରାଯାଇଛି ।
- ଅଭ୍ଯାସ ପ୍ରଶ୍ନ ପ୍ରସ୍ତୁତି ସମୟରେ ମାର୍ଗଦର୍ଶିକା ଅନୁଯାୟୀ SA-1 ର ପୂର୍ବରୁ ପଢାଯାଇଥିବା ପ୍ରସଙ୍ଗ ଏବଂ SA-1 ପରେ ପଢାଯାଇଥିବା ପ୍ରସଙ୍ଗର ପ୍ରଶ୍ନ ପ୍ରସ୍ତୁତ କରାଯାଇଛି । ଏଥିସହିତ ଜ୍ଞାନାତ୍ମକ, ବୋଧାତ୍ମକ ଓ ପ୍ରୟୋଗାତ୍ମକ ପ୍ରଶ୍ନଗୁଡିକୁ ଯଥାକ୍ରମେ ୩୦% ,୪୦% ଏବଂ ୩୦% ଅନୁପାତରେ ପ୍ରସ୍ତୁତ କରାଯାଇଛି ।
- ଏହି ଅଭ୍ୟାସ ପ୍ରଶ୍ନଗୁଡ଼ିକ ଶିକ୍ଷଣ ଫଳାଫଳ ଆଧାରିତ ଅଟେ ।
- ଶିକ୍ଷକ/ଶିକ୍ଷୟିତ୍ରୀମାନେ ଏହି ପ୍ରଶ୍ନଗୁଡିକୁ ଶ୍ରେଣୀରେ ଅଭ୍ୟାସ କରି ବାର୍ଷିକ ପରୀକ୍ଷା ପାଇଁ ଶିକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତି କରିବେ। ପାଠ୍ୟପୁସ୍ତକର ବିଭିନ୍ନ ଅଧାୟରେ ଥିବା ପ୍ରଶ୍ନଗୁଡିକୁ ମଧ ଅଭ୍ୟାସ କରାଇବେ ।
- ଲିଖିତ ପ୍ରଶ୍ନ ୨୦ ନମ୍ବର ବିଶିଷ୍ଟ ହେବ ।

## ୧. ଚାରୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି ଲେଖ । ( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ )

- ନିମ୍ନୋକ୍ତ ମଧ୍ୟରୁ କେଉଁଟି ବାୟୁ ପ୍ରଦୂଷଣର କାରଣ ?

  କ ) ଅଳିଆକୁ ପୋଡିବା

  ଖ )ସି . ଏନ୍. ଜି ର ବ୍ୟବହାର

  ଗ ) ଅଳିଆକୁ ପୋତିବା

  ଘ )ଧୂମହୀନ ଜାଳେଣୀର ବ୍ୟବହାର

- ଗାଡିମଟର ଯାତାୟାତ କରି ଧୂଳି ଉଡିଲେ, ବାୟୁମଣ୍ଡଳରେ ____________ପରିମାଣ ବୃଦ୍ଧି ପାଏ।

  କ ) ଜଳୀୟବାଷ୍ପ

  ଖ )ଅମ୍ଳଜାନ

  ଗ ) ଧୂଳିକଣା

  ଘ )ଯବକ୍ଷାରଯାନ

- ସାଇକେଲ କିଏ ଉଦ୍ଭାବନ କରିଥିଲେ?

  କ. ମାର୍କୋନୀ

  ଖ. ମ୍ୟାକ ମିଲନ

  ଗ. ୱାଟର ମ୍ୟାନ

  ଘ. ଗ୍ରାହାମବେଲ

- ଅସମ୍ପର୍କିତ ଶବ୍ଦଟିକୁ ବାଛି ଲେଖ ।

  କ. ଧାନବୁଣା ଯନ୍ତ୍ର

  ଖ. ବିହନ

  ଗ. ଷ୍ଟେଥୋସ୍କୋପ

  ଘ. ରାସାୟନିକ ସାର

## ୨. ଶୂନ୍ୟସ୍ଥାନ ପୂରଣ କର ।( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ )

- କାର୍ଯ୍ୟ ପାଇଁ _______ ଆବଶ୍ୟକ ।
- ଦୁର୍ଘଟଣା ଯୋଗୁ ଶରୀରର କୌଣସି ଅଙ୍ଗର ଆକୃତି ବଦଳି ଗଲେ ___________ ଦ୍ୱାରା ତାହା ଠିକ କରାଯାଇପାରୁଛି ।

## ୩. ଗୋଟିଏ ଧାଡିରେ /ଶବ୍ଦରେ ଉତ୍ତର ଲେଖ । ( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ )

- ଦାନ୍ତ ମାଢି ଫୁଲିଯିବା, ଘା ଚଞ୍ଚଳ ନଶୁଖିବା କେଉଁ ରୋଗର ଲକ୍ଷଣ?

--------------------------------------------------------------------------------

- ଚଣ୍ଡୀଗଡର ବିଖ୍ୟାତ ପ୍ରସ୍ତର ଉଦ୍ୟାନ ନିର୍ମାଣ କରିଥିବା ଶିଳ୍ପୀଙ୍କ ନାମ କ'ଣ ?

--------------------------------------------------------------------------------

- ଅଗ୍ନି ନିର୍ବାପକ  ଯନ୍ତ୍ରରେ କେଉଁ ଗ୍ୟାସ ଥାଏ ?

--------------------------------------------------------------------------------

- ଅପରେସନ କ୍ଷେତ୍ରରେ ଆଜିକାଲି ଶରୀରକୁ ନ କାଟି କେଉଁ ପଦ୍ଧତି ଦ୍ୱାରା ଅଳ୍ପ ସମୟରେ ଅପରେସନ କରାଯାଇପାରୁଛି ?

--------------------------------------------------------------------------------

## ୪. ଉତ୍ତର ଲେଖ । ( ପ୍ରତ୍ୟେକ ପ୍ରଶ୍ନ ୨  ନମ୍ବର ବିଶିଷ୍ଟ )

- ପ୍ରାଥମିକ ଚିକିତ୍ସା ବାକ୍ସରେ ଥିବା ଯେକୌଣସି ଦୁଇଟି ଜିନିଷର ବ୍ୟବହାର ଲେଖ ।

--------------------------------------------------------------------------------

--------------------------------------------------------------------------------

- ଫସଲରେ କୀଟନାଶକ ଔଷଧର ବ୍ୟବହାରକୁ କାହିଁକି ସୀମିତ କରିବା ଦରକାର?ଯେ କୌଣସି ୨ ଟି କାରଣ ଲେଖ ।

--------------------------------------------------------------------------------

--------------------------------------------------------------------------------

- ଗୋଟିଏ ବୋତଲକୁ ସିଧା କରି ପାଣିରେ ବୁଡାଇଲେ ପାଣି ବୋତଲ ଭିତରକୁ ପଶେ ନାହିଁ କାହିଁକି ? ଯେ କୌଣସି ୨ ଟି କାରଣ ଲେଖ ।

--------------------------------------------------------------------------------

--------------------------------------------------------------------------------

- ବର୍ଷାଦିନେ ଓଦା ଲୁଗା ଶୀଘ୍ର ଶୁଖେନାହିଁ କାହିଁକି ?ଯେ କୌଣସି ୨ ଟି କାରଣ ଲେଖ ।

-------------------------------------------------------------------------------

-------------------------------------------------------------------------------

## ୫. ଉତ୍ତର ଲେଖ । ( ପ୍ରତ୍ୟେକ ପ୍ରଶ୍ନ ୩ ନମ୍ବର ବିଶିଷ୍ଟ )

- ପବନ ଏକ ଶକ୍ତିର ଉତ୍ସ -ଏହି ପରୀକ୍ଷାର ପ୍ରକ୍ରିୟାକୁ ବର୍ଣ୍ଣନା କର ।

-------------------------------------------------------------------------------

-------------------------------------------------------------------------------

-------------------------------------------------------------------------------

- ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ନ ଥିଲେ କ'ଣ ହୁଅନ୍ତା ?

-------------------------------------------------------------------------------

-------------------------------------------------------------------------------

-------------------------------------------------------------------------------

- କାକ୍ଟସ ଗଛକୁ ତୁମେ ଘରେ ଲଗାଇଛ । ଗଛଟିର କିପରି ଯତ୍ନ ନେଲେ ଗଛଟି ବଢିପାରିବ ? ୩ ଟି ବାକ୍ୟରେ ଲେଖ ।

-------------------------------------------------------------------------------

-------------------------------------------------------------------------------

-------------------------------------------------------------------------------

- ଓଟ ବାଲିରେ ସହଜରେ ଚାଲିଲା ବେଳେ ଆମେ ସହଜରେ ଚାଲିପାରୁନାହୁଁ କାହିଁକି ?୩ ଟି ବାକ୍ୟରେ ଲେଖ ।

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

## ୬. ଉତ୍ତର ଲେଖ । ( ପ୍ରତ୍ୟେକ ପ୍ରଶ୍ନ ୫ ନମ୍ବର ବିଶିଷ୍ଟ )

- ଘନ ଜନବସତି ଅଞ୍ଚଳରେ କଳକାରଖାନା ପ୍ରତିଷ୍ଠା ପାଇଁ ଅନୁମତି ଦିଆଯାଏ ନାହିଁ କାହିଁକି? ପାଞ୍ଚୋଟି ବାକ୍ୟରେ ଲେଖ ।

- "ଜଳ ହିଁ ଜୀବନ", ପାଞ୍ଚୋଟି ବାକ୍ୟରେ ବୁଝାଅ ।

# ଅଭ୍ୟାସ ପ୍ରଶ୍ନ

**ଶ୍ରେଣୀ : ପଞ୍ଚମ** **ବିଷୟ : ପରିବେଶ ଅଧ୍ୟୟନ( ସାମାଜିକ ବିଜ୍ଞାନ)**

## ମୌଖିକ ପ୍ରଶ୍ନ

**ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ନିମନ୍ତେ ସୂଚନା :**

- ଚଳିତ ଶିକ୍ଷା ବର୍ଷ (୨୦୨୫-୨୦୨୬) ରେ ପଞ୍ଚମ ଶ୍ରେଣୀର ବାର୍ଷିକ ପରୀକ୍ଷା ନିମନ୍ତେ 'ପରିବେଶ ଅଧ୍ୟୟନ ( ସାମାଜିକ ବିଜ୍ଞାନ)' ବିଷୟ ପାଇଁ ପ୍ରସ୍ତୁତ କରାଯାଇଥିବା ମୌଖିକ ପ୍ରଶ୍ନ ବ୍ୟାଙ୍କକୁ ଆଧାର କରି ଏହି ଅଭ୍ଯାସ ପ୍ରଶ୍ନ ପ୍ରସ୍ତୁତ କରାଯାଇଛି ।
- ଅଭ୍ଯାସ ପ୍ରଶ୍ନ ପ୍ରସ୍ତୁତି ସମୟରେ ମାର୍ଗଦର୍ଶିକା ଅନୁଯାୟୀ SA-1 ର ପୂର୍ବରୁ ପଢାଯାଇଥିବା ପ୍ରସଙ୍ଗ ଏବଂ SA-1 ପରେ ପଢାଯାଇଥିବା ପ୍ରସଙ୍ଗର ପ୍ରଶ୍ନ ପ୍ରସ୍ତୁତ କରାଯାଇଛି । ଏଥି ସହିତ ଜ୍ଞାନାତ୍ମକ, ବୋଧାତ୍ମକ ଓ ପ୍ରୟୋଗାତ୍ମକ ପ୍ରଶ୍ନଗୁଡିକୁ ଯଥାକ୍ରମେ ୩୦% ,୪୦% ଏବଂ ୩୦% ଅନୁପାତରେ ପ୍ରସ୍ତୁତ କରାଯାଇଛି ।
- ଏହି ଅଭ୍ୟାସ ପ୍ରଶ୍ନଗୁଡ଼ିକ ଶିକ୍ଷଣ ଫଳାଫଳ ଆଧାରିତ।
- ଶିକ୍ଷକ/ଶିକ୍ଷୟିତ୍ରୀମାନେ ଏହି ପ୍ରଶ୍ନଗୁଡିକୁ ଶ୍ରେଣୀରେ ଅଭ୍ୟାସ କରି ବାର୍ଷିକ ପରୀକ୍ଷା ପାଇଁ ଶିକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତି କରିବେ। ପାଠ୍ୟପୁସ୍ତକର ବିଭିନ୍ନ ଅଧ୍ୟାୟରେ ଥିବା ପ୍ରଶ୍ନଗୁଡିକୁ ମଧ ଅଭ୍ୟାସ କରାଇବେ ।
- ମୌଖିକ ପ୍ରଶ୍ନ ୫ ନମ୍ବର ବିଶିଷ୍ଟ ହେବ ।

**ଉତ୍ତର କୁହ । ( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ )**

୧. ଆମ ରାଜ୍ୟରେ ଥିବା ଗୋଟିଏ ଛୋଟ ବିମାନଘାଟି ଥିବା ସହରର ନାମ ।

୨. ଭାରତରେ ଲୁହାପଥର ମିଳୁଥିବା ରାଜ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ରାଜ୍ୟର ନାମ ।

୩. ଭାରତର ସର୍ବାଧିକ ଆଖୁ ଚାଷ କେଉଁ ରାଜ୍ୟରେ କରାଯାଏ?

୪. ବିମାନ ଚାଳନାର ଦାୟିତ୍ୱ କାହା ଉପରେ ନ୍ୟସ୍ତ ଥାଏ ?

୫. ତୁମେ ରାସ୍ତାରେ ଗଲାବେଳେ ବିଭିନ୍ନ ଟ୍ରାଫିକ ସଙ୍କେତ ଦେଖିଥାଅ । ସେହି ସଙ୍କେତଗୁଡିକ ମଧ୍ୟରୁ ବାଧ୍ୟତାମୂଳକ ଟ୍ରାଫିକ ସଙ୍କେତକୁ କିପରି ଚିହ୍ନିବ ?

୬. ଗୁଜୁରାଟ ବୟନ ଶିଳ୍ପ ପାଇଁ ପ୍ରସିଦ୍ଧ । ସେଠାରେ କେଉଁ ମୃତ୍ତିକା ଦେଖାଯାଏ?

୭.  ସମ୍ବଲପୁର ଠାରେ ଅଧିକ ଗରମ ଅନୁଭୂତ ହେବାର କାରଣ କ'ଣ ?

୮. (ବହିର ପୃଷ୍ଠା ୭୮ - ପ୍ରଥମ ଚିତ୍ର ଦେଖାଇ) ଏହା କେଉଁ ଅଞ୍ଚଳର ଅଧିବାସୀଙ୍କର ଚିତ୍ର ?

**ମାନଚିତ୍ରରେ ଚିହ୍ନଟ କର ।**

୯. ଭାରତ ମାନଚିତ୍ରରେ, ଆଣ୍ଡାମାନ ଓ ନିକୋବର ଦ୍ୱୀପପପୁଞ୍ଜକୁ ଚିହ୍ନଟ କର ।

୧୦. ଭାରତ ମାନଚିତ୍ରରେ, ଇଣ୍ଡିଆଗେଟ କେଉଁ ରାଜ୍ୟରେ ଅବସ୍ଥିତ ଚିହ୍ନଟ କର ।

## ଲିଖିତ ପ୍ରଶ୍ନ

**ଶ୍ରେଣୀ : ପଞ୍ଚମ** **ବିଷୟ : ପରିବେଶ ଅଧ୍ୟୟନ( ସାମାଜିକ ବିଜ୍ଞାନ)**

**ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ନିମନ୍ତେ ସୂଚନା :**

- ଚଳିତ ଶିକ୍ଷା ବର୍ଷ (୨୦୨୫-୨୦୨୬) ରେ ପଞ୍ଚମ ଶ୍ରେଣୀର ବାର୍ଷିକ ପରୀକ୍ଷା ନିମନ୍ତେ 'ପରିବେଶ ଅଧ୍ୟୟନ ( ସାମାଜିକ ବିଜ୍ଞାନ)' ବିଷୟ ପାଇଁ ପ୍ରସ୍ତୁତ କରାଯାଇଥିବା ପ୍ରଶ୍ନ ବ୍ୟାଙ୍କକୁ ଆଧାର କରି ଏହି ଅଭ୍ଯାସ ପ୍ରଶ୍ନ ପ୍ରସ୍ତୁତ କରାଯାଇଛି ।
- ଅଭ୍ଯାସ ପ୍ରଶ୍ନ ପ୍ରସ୍ତୁତି ସମୟରେ ମାର୍ଗଦର୍ଶିକା ଅନୁଯାୟୀ SA-1 ର ପୂର୍ବରୁ ପଢାଯାଇଥିବା ପ୍ରସଙ୍ଗ ଏବଂ SA-1 ପରେ ପଢାଯାଇଥିବା ପ୍ରସଙ୍ଗର ପ୍ରଶ୍ନ ପ୍ରସ୍ତୁତ କରାଯାଇଛି । ଏଥିସହିତ ଜ୍ଞାନାତ୍ମକ, ବୋଧାତ୍ମକ ଓ ପ୍ରୟୋଗାତ୍ମକ ପ୍ରଶ୍ନଗୁଡିକୁ ଯଥାକ୍ରମେ ୩୦% ,୪୦% ଏବଂ ୩୦% ଅନୁପାତରେ ପ୍ରସ୍ତୁତ କରାଯାଇଛି ।
- ଏହି ଅଭ୍ୟାସ ପ୍ରଶ୍ନଗୁଡ଼ିକ ଶିକ୍ଷଣ ଫଳାଫଳ ଆଧାରିତ ଅଟେ ।
- ଶିକ୍ଷକ/ଶିକ୍ଷୟିତ୍ରୀମାନେ ଏହି ପ୍ରଶ୍ନଗୁଡିକୁ ଶ୍ରେଣୀରେ ଅଭ୍ୟାସ କରି ବାର୍ଷିକ ପରୀକ୍ଷା ପାଇଁ ଶିକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତି କରିବେ। ପାଠ୍ୟପୁସ୍ତକର ବିଭିନ୍ନ ଅଧ୍ୟାୟରେ ଥିବା ପ୍ରଶ୍ନଗୁଡିକୁ ମଧ୍ୟ ଅଭ୍ୟାସ କରାଇବେ ।
- ଲିଖିତ ପ୍ରଶ୍ନ ୨୦ ନମ୍ବର ବିଶିଷ୍ଟ ହେବ ।

**୧. ଚାରୋଟି ସମ୍ଭାବ୍ୟ ଉତ୍ତର ମଧ୍ଯରୁ ଠିକ୍ ଉତ୍ତରଟିକୁ ବାଛି ଲେଖ । ( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ )**

- ନିମ୍ନୋକ୍ତ ମଧ୍ୟରୁ କେଉଁଟି ଏକ ଅପରାଧ ନୁହେଁ?

  କ. ଚୋରୀ କରିବା

  ଖ. ମଦ ପିଇ ଗାଡି ଚଳାଇବା

  ଗ. ଅନଧିକାର ପ୍ରବେଶ

ଘ. ଟ୍ରାଫିକ ନିୟମ ଅନୁସାରେ ଯାତାୟାତ କରିବା

- ରାଜ୍ୟ ସଭାର ଓଡ଼ିଶାର ମୋଟ ସଭ୍ୟ ସଂଖ୍ୟା କେତେ?

  କ. ୧୦

  ଖ. ୧୫

  ଗ. ୨୧

  ଘ. ୨

**୨. ଶୂନ୍ୟସ୍ଥାନ ପୂରଣ କର ।( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ )**

- ଛତିଶଗଡର ________ ଠାରେ ଲୌହ ଇସ୍ପାତ କାରଖାନା ଅଛି ।
- ଭାରତ _______ ମହାଦେଶରେ ଅବସ୍ଥିତ ।
- ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟ _______ ଠାରେ ଅବସ୍ଥିତ ।
- ବିରଳା ମନ୍ଦିର _______ ଠାରେ ଅବସ୍ଥିତ ।
- ଗେଟ ୱେ ଅଫ ଇଣ୍ଡିଆ __________ଠାରେ ଅବସ୍ଥିତ ।

**୩. ପ୍ରଥମ ଯୋଡିର ସମ୍ପର୍କ ଦେଖି ଦ୍ଵିତୀୟ ଯୋଡିର ଶୂନ୍ୟସ୍ଥାନ ପୂରଣ କର । ( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ )**

- ଗୋଦାବରୀ ନଦୀ: ବଙ୍ଗୋପ ସାଗର : : ନର୍ମଦା ନଦୀ _________।
- ମିଜୋରାମ: ମିଜୋ : : ଆସାମ ________________ ।

**୪. ଗୋଟିଏ ଧାଡିରେ /ଶବ୍ଦରେ ଉତ୍ତର ଲେଖ । ( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ )**

- ଦେଶର ବିଭିନ୍ନ ରାଜ୍ୟର ରାଜଧାନୀ, ମୁଖ୍ୟ ସହର ଓ ବନ୍ଦର ମଧ୍ୟରେ କେଉଁ ରାଜପଥ ସଂଯୋଗ ସ୍ଥାପନ କରିଥାଏ ?

  ---------------------------------------------------------------------------------

## ୫. ଉତ୍ତର ଲେଖ । ( ପ୍ରତ୍ୟେକ ପ୍ରଶ୍ନ ୨ ନମ୍ବର ବିଶିଷ୍ଟ )

- ଉତ୍ତରସ୍ଥ ସମତଳ ଅଞ୍ଚଳରେ ବହୁତ ଲୋକ ବସବାସ କରନ୍ତି । ଦୁଇଟି ଭୌଗୋଳିକ କାରଣ ଦର୍ଶାଅ ।

  ------------------------------------------------------------------------------------

  ------------------------------------------------------------------------------------

- ହିମାଳୟ ପାର୍ବତ୍ୟ ଅଞ୍ଚଳ ଓ ରାଜସ୍ଥାନର ମରୁ ଅଞ୍ଚଳର ଲୋକମାନଙ୍କର ଜୀବନଧାରା ମଧ୍ୟରେ ଥିବା ଦୁଇଟି ସମାନତା ଲେଖ।

  ------------------------------------------------------------------------------------

  ------------------------------------------------------------------------------------

- ହରିଦ୍ୱାର କେଉଁ ନଦୀ କୂଳରେ ଅବସ୍ଥିତ? ଏହା କେଉଁ ସ୍ଥାନ ପାଇଁ ପ୍ରସିଦ୍ଧ?

  ------------------------------------------------------------------------------------

  ------------------------------------------------------------------------------------

- ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ କାହାକୁ କୁହାଯାଏ? ଏହା କେତେ ମସିହାରେ ହୋଇଥିଲା ?

  ------------------------------------------------------------------------------------

  ------------------------------------------------------------------------------------

## ୬. ଉତ୍ତର ଲେଖ । ( ପ୍ରତ୍ୟେକ ପ୍ରଶ୍ନ ୩ ନମ୍ବର ବିଶିଷ୍ଟ )

- ତୁମ ବୟସର ଜଣେ ପିଲା ଦୋକାନରୁ ଗୁଟକା କିଣି ଖାଇବାର ତୁମେ ଦେଖିଲ । ଏହି ପରିସ୍ଥିତିରେ ତୁମେ କ'ଣ କରିବ ଲେଖ । ୩ଟି ବାକ୍ୟରେ ଲେଖ ।

------------------------------------------------------------------------------------

------------------------------------------------------------------------------------

------------------------------------------------------------------------------------

- ତୁମ ଗ୍ରାମରେ ପାନୀୟ ଜଳର ସୁବ୍ୟବସ୍ଥା କରିବା ନିମନ୍ତେ କ'ଣ  ସବୁ ପଦକ୍ଷେପ ନିଆଯାଇପାରିବ ଲେଖ । ୩ଟି ବାକ୍ୟରେ ଲେଖ ।

---------------------------------------------------------------------------------

---------------------------------------------------------------------------------

---------------------------------------------------------------------------------

- ନିମ୍ନ  ଚିତ୍ରକୁ ଦେଖି ଏହି ବ୍ୟକ୍ତିଙ୍କ ବିଷୟରେ ୩ଟି ବାକ୍ୟ ଲେଖ । ।



---------------------------------------------------------------------------------

---------------------------------------------------------------------------------

---------------------------------------------------------------------------------

- ଯଦି ତୁମକୁ ଓଡିଶାରୁ ଗୋଟିଏ ଖଣିଜ ପଦାର୍ଥ ରପ୍ତାନି କରିବା ପାଇଁ ବାଛିବାକୁ କୁହାଯାଏ, ତୁମେ କେଉଁ ଦ୍ରବ୍ୟକୁ ବାଛିବ ଓ କାହିଁକି?

---------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

## ୭. ଉତ୍ତର ଲେଖ । ( ପ୍ରତ୍ୟେକ ପ୍ରଶ୍ନ ୫ ନମ୍ବର ବିଶିଷ୍ଟ )

- ଦେଶ ନିର୍ମାଣରେ ଶିକ୍ଷକଙ୍କ ଭୂମିକା ବିଷୟରେ ୫ଟି ବାକ୍ୟ ଲେଖ ।

- ଜନସଂଖ୍ୟା ବୃଦ୍ଧି ଦେଶର ପ୍ରଗତିରେ କିପରି ପ୍ରତିବନ୍ଧକ ସୃଷ୍ଟି କରେ, ୫ଟି ବାକ୍ୟରେ ଲେଖ ।

## ଅଭ୍ୟାସ ପ୍ରଶ୍ନ

**ପଞ୍ଚମ ଶ୍ରେଣୀ** **ବିଷୟ : ଚିତ୍ରାଙ୍କନ**

## ମୌଖିକ ପ୍ରଶ୍ନ

**ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ନିମନ୍ତେ ସୂଚନା :**

- ମୌଖିକ ପରୀକ୍ଷା ନିମନ୍ତେ, ଶିକ୍ଷାର୍ଥୀଟି ଶ୍ରେଣୀରେ ଚିତ୍ରାଙ୍କନ ପିରିୟଡ଼ରେ କରିଥିବା ଯେକୌଣସି ଦୁଇଟି ଚିତ୍ରକୁ ନେଇ ଶିକ୍ଷକ ୫ଟି ଲେଖାଏ ପ୍ରଶ୍ନ ପଚାରିବେ । ଯେପରି
    - ଏହା କାହାର ଚିତ୍ର ?
    - ଏହି ଚିତ୍ର ଆଙ୍କିବାକୁ କେଉଁ ସବୁ ଉପକରଣ ବ୍ୟବହାର କରିଛ ?
    - ଚିତ୍ରଟିକୁ ତୁମେ କିପରି (କ୍ରମରେ- କାହା ପରେ କ'ଣ କଲ ?) ଆଂକିଲ ?
    - ଚିତ୍ରରେ କେଉଁ ସବୁ ରଙ୍ଗ ବ୍ୟବହାର କରିଛ?
    - ଚିତ୍ର ବିଷୟରେ ଦୁଇଟି ବାକ୍ୟ କୁହ ।
- ମୌଖିକ ପ୍ରଶ୍ନ ୧୦ ନମ୍ବର ବିଶିଷ୍ଟ ଅଟେ ।

## ଲିଖିତ ପ୍ରଶ୍ନ

- ଲିଖିତ ପରୀକ୍ଷା ନିମନ୍ତେ ତିନୋଟି ପ୍ରଶ୍ନ ରହିବ ।

**୧. ନମୁନା ଚିତ୍ରର ଢାଞ୍ଚାକୁ ଦେଖି ଚିତ୍ର ଆଙ୍କ ଓ ରଙ୍ଗ ଦିଅ । ( ପ୍ରତ୍ୟେକ ଚିତ୍ର ୧୫ ନମ୍ବର ଲେଖାଏ )**

**କ .**



**ଖ.**



**ଗ.**



୨. ନିମ୍ନ ଚିତ୍ରରେ ରଙ୍ଗ ଦିଅ । ( ୧୦ ନମ୍ବର )

କ.



ଖ.



# ଅଭ୍ୟାସ ପ୍ରଶ୍ନ

**ଶ୍ରେଣୀ : ପଞ୍ଚମ** | **ମୌଖିକ ପ୍ରଶ୍ନ** | **ବିଷୟ : ଗଣିତ**

**ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିମନ୍ତେ ସୂଚନା :**

- ଚଳିତ ଶିକ୍ଷା ବର୍ଷ (୨୦୨୫-୨୬)ରେ ପଞ୍ଚମ ଶ୍ରେଣୀର ବାର୍ଷିକ ପରୀକ୍ଷାର ମୂଲ୍ୟାୟନ ରୂପରେଖ ଅନୁଯାୟୀ ଗଣିତରେ ଥିବା ବିଭିନ୍ନ ଶିକ୍ଷଣ ଫଳାଫଳକୁ ନେଇ ଏହି ଅଭ୍ୟାସ ପ୍ରଶ୍ନଗୁଡ଼ିକ ପ୍ରସ୍ତୁତ କରାଯାଇଛି । ଏଥିରେ ଜ୍ଞାନାତ୍ମକ, ବୋଧାତ୍ମକ ଓ ପ୍ରୟୋଗାତ୍ମକ ପ୍ରଶ୍ନଗୁଡ଼ିକ ସ୍ଥାନିତ କରାଯାଇଛି ।
- ଶିକ୍ଷକ/ଶିକ୍ଷୟିତ୍ରୀ, ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକୁ ପଚାରିବେ ଓ ମୌଖିକ ଉତ୍ତର ଆଦାୟ କରିବେ ।

---

**(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)**

୧. ସଂଖ୍ୟାଟିକୁ ପଢ଼– ୧୬୫୧୩

(ସଂଖ୍ୟା କାର୍ଡ଼ ମାଧ୍ୟମରେ ଶିକ୍ଷକ ଦତ୍ତ ସଂଖ୍ୟାଟିକୁ ଦେଖାଇ ପଢ଼ିବାକୁ କହିବେ ।)

୨. ଆବାକସ୍‌ରେ ଦର୍ଶାଯାଇଥିବା ସଂଖ୍ୟାଟି କେତେ ?



**(ସୂଚନା :** ଶିକ୍ଷକ ଗୋଟିଏ ଅୟୁତ ହଜାର ଶତକ ଦଶକ ଏକକ ଆବାକସ୍ ନେବେ ଓ ଚିତ୍ରଭଳି ଗୋଲି ସଜାଡ଼ି ସଂଖ୍ୟାଟି କେତେ ହେବ ପଚାରିବେ ?**)**

୩. କ୍ଷୁଦ୍ରତମ ଯୌଗିକ ସଂଖ୍ୟାଟି କୁହ ।

୪. କେଉଁ ସଂଖ୍ୟାଟି ମୌଳିକ କିମ୍ବା ଯୌଗିକ ନୁହେଁ ?

୫. ୨.୬୮ରେ ୬ର ସ୍ଥାନୀୟମାନ କେତେ ?

୬. ୦.୪ର ଭଗ୍ନସଂଖ୍ୟା ରୂପଟି କେତେ ?

୭. ୧ କି.ଗ୍ରା. ୫୦ ଗ୍ରାମ୍ କେତେ ଗ୍ରାମ୍ ?

୮. କିଲୋମିଟର, ମିଟର, ସେଣ୍ଟିମିଟର ଓ ମିଲିମିଟର ମଧ୍ୟରୁ କେଉଁଟି ଦୈର୍ଘ୍ୟମାପର ସାନ ଏକକ ଅଟେ ?

୯. ତୁମେ ୨୦୦ ଗ୍ରାମ୍ ଓଜନର ଏକ ବ୍ୟାଗ୍ ନେଇ ବଜାରକୁ ଗଲ । ସେଥିରେ ୨ କି.ଗ୍ରା. ୫୦୦ ଗ୍ରାମ୍ ଓଜନର ଆଳୁ ଆଣିଲ । ଆଳୁ ସହ ବ୍ୟାଗ୍‌ଟିର ମୋଟ ଓଜନ କେତେ ହେବ ?

୧୦. ତୁମ ପାଖରେ ଗୋଟିଏ ୧୦୦ ସେ.ମି. ଲମ୍ବର ବାଡ଼ି ଓ ଅନ୍ୟ ଗୋଟିଏ ୨ ମିଟର ଲମ୍ବର ବାଡ଼ି ଅଛି । କେଉଁ ବାଡ଼ିଦ୍ୱାରା ତୁମ ଶ୍ରେଣୀଗୃହର ଲମ୍ବକୁ କମ୍ ଥରରେ ମାପି ପାରିବ ?

୧୧. ତୁମ ଶ୍ରେଣୀର ଖେଳ ପିରିୟଡ୍ ଘ୩.୧୫ ମି. ରେ ଆରମ୍ଭ ହୋଇ ଘ୪.୦୦ମି. ପର୍ଯ୍ୟନ୍ତ ହୋଇଥାଏ । ତେବେ କେତେ ସମୟ ପାଇଁ ଖେଳ ପିରିୟଡ଼ ହୁଏ ?

୧୨. ତୁମ ସାଙ୍ଗର ଘର ଓ ବିଦ୍ୟାଳୟ ମଧ୍ୟରେ ଦୂରତା ୨ କି.ମି. । ତୁମ ସାଙ୍ଗ ୧ କି.ମି. ଚାଲିବାକୁ ୧୫ ମିନିଟ୍ ସମୟ ନିଏ । ତେବେ ସ୍କୁଲରେ ପହଞ୍ଚିବାକୁ ତୁମ ସାଙ୍ଗକୁ କେତେ ସମୟ ଲାଗିବ ?

୧୩. ତୁମେ ଘରୁ ୫ଟା ୩୫ ମିନିଟ୍‌ରେ ବାହାରି ୨୫ ମିନିଟ୍ ଚାଲିବା ପରେ ଷ୍ଟେସନ୍‌ରେ ପହଞ୍ଚିଲ । ତେବେ ଷ୍ଟେସନ୍‌ରେ ପହଞ୍ଚିବା ବେଳକୁ ଘଣ୍ଟାରେ କେତେ ସମୟ ବାଜିଥିବ ?

୧୪. ଗୋଟିଏ କଲମର ଦାମ୍ ଟ. ୮.୦୦ । ଗୋଟିଏ ପେନ୍‌ସିଲ୍‌ର ଦାମ୍ ଟ. ୪.୫୦ ହେଲେ, କଲମର ଦାମ୍

ପେନ୍‌ସିଲ୍‌ର ଦାମ୍‌ଠାରୁ କେତେ ଅଧିକ ?

୧୫. ଅଧିବର୍ଷରେ ବର୍ଷକ କେତେ ଦିନ ହୁଏ ?

୧୬. ୨୦୦ ସେ.ମି.କୁ ମିଟରରେ ପ୍ରକାଶ କର ।

୧୭. ୩.୨୦ pm କୁ ୨୪ ଘଣ୍ଟିଆ ଦିନର ସମୟ ହିସାବରେ କିପରି ସୂଚିତ କରିବ ?

୧୮. ସନ୍ଧ୍ୟା ୭ଟାକୁ ୧୨ ଘଣ୍ଟିଆ ଦିନର ସମୟ ହିସାବରେ କିପରି ସୂଚିତ କରିବ ?

୧୯. ୬ର ଗୋଟିଏ ଗୁଣନୀୟକ କୁହ ?

୨୦. ଯେ କୌଣସି ସଂଖ୍ୟାର କ୍ଷୁଦ୍ରତମ ଗୁଣନୀୟକଟି କେତେ ?

୦୦୦

# ଅଭ୍ୟାସ ପ୍ରଶ୍ନ

**ଶ୍ରେଣୀ : ପଞ୍ଚମ** **ଲିଖିତ ପ୍ରଶ୍ନ** **ବିଷୟ : ଗଣିତ**

**ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିମନ୍ତେ ସୂଚନା :**

. ଚଳିତ ଶିକ୍ଷା ବର୍ଷ (୨୦୨୫-୨୬)ରେ ପଞ୍ଚମ ଶ୍ରେଣୀର ବାର୍ଷିକ ପରୀକ୍ଷାର ମୂଲ୍ୟାୟନ ରୂପରେଖ ଅନୁଯାୟୀ ଗଣିତରେ ଥିବା ବିଭିନ୍ନ ଶିକ୍ଷଣ ଫଳାଫଳକୁ ନେଇ ଏହି ଅଭ୍ୟାସ ପ୍ରଶ୍ନଗୁଡ଼ିକ ପ୍ରସ୍ତୁତ କରାଯାଇଛି । ଏଥିରେ ଜ୍ଞାନାତ୍ମକ, ବୋଧାତ୍ମକ ଓ ପ୍ରୟୋଗାତ୍ମକ ପ୍ରଶ୍ନଗୁଡ଼ିକ ସ୍ଥାନିତ କରାଯାଇଛି ।

. ପ୍ରଶ୍ନର ପ୍ରକାର ଦୃଷ୍ଟିରୁ ଶୂନ୍ୟସ୍ଥାନ ପୂରଣ, ଠିକ୍ ଉତ୍ତରଟି ବାଛି ଲେଖିବା, ସମସ୍ୟା ସମାଧାନ ସମ୍ପର୍କିତ ପ୍ରଶ୍ନଗୁଡ଼ିକ ରହିଛି ।

. ଶିକ୍ଷକ/ଶିକ୍ଷୟିତ୍ରୀମାନେ ଶ୍ରେଣୀରେ ଏହିପରି ବିଭିନ୍ନ ପ୍ରକାର ପ୍ରଶ୍ନ ପ୍ରସ୍ତୁତ କରି ଏବଂ ପୁସ୍ତକର ଅଧ୍ୟାୟଗୁଡ଼ିକରେ ଥିବା ପ୍ରଶ୍ନକୁ ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଅଭ୍ୟାସ କରାଇବେ ।

---

**୧ ରୁ ୭ ପର୍ଯ୍ୟନ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଖାଲିସ୍ଥାନରେ ଲେଖ । (ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ)**

୧. କମା (,) ବ୍ୟବହାର କରି ୩୫୮୦୬ ସଂଖ୍ୟାଟିକୁ ଲେଖ । ଉ : ....................

୨. ୯୯୯୯୯ ର ପରବର୍ତ୍ତୀ ସଂଖ୍ୟାଟି ଲେଖ । ଉ : ....................

୩. ଛଅ ଅଙ୍କ ବିଶିଷ୍ଟ ସମୁଦାୟ କେତୋଟି ସଂଖ୍ୟା ଅଛି ? ଉ : ....................

୪. ଗୋଟିଏ ଅପ୍ରକୃତ ଭଗ୍ନସଂଖ୍ୟା ଲେଖ । ଉ : ....................

୫. ୩ଟି $\frac{୧}{୩}$ ମିଶିଲେ କେତେ ହେବ ? ଉ : ....................

୬. $\frac{୪}{୫}$ ରୁ $\frac{୧}{୫}$ ବିୟୋଗ କଲେ କେତେ ରହିବ ? ଉ : ....................

୭. ୧$\frac{୧}{୪}$ ରେ କେତୋଟି $\frac{୧}{୪}$ ଅଛି ? ଉ : ....................

**ପ୍ରଶ୍ନ ୮ ରୁ ୨୦ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି ଶୂନ୍ୟସ୍ଥାନ ପୂରଣ କର । (ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ)**

୮. ପାଞ୍ଚ ଅଙ୍କ ବିଶିଷ୍ଟ ବୃହତ୍ତମ ସଂଖ୍ୟାଟି କେତେ ? ଉ : ....................
(କ) ୧୦୦୦୦ (ଖ) ୯୦୦୦୦ (ଗ) ୯୯୯୯୯ (ଘ) ୧୧୧୧୧

୯. ଦୁଇଟି ମୌଳିକ ସଂଖ୍ୟାର ଗ.ସା.ଗୁ. କେତେ ? ଉ : ....................
(କ) ୦ (ଖ) ୧ (ଗ) ସାନସଂଖ୍ୟା (ଘ) ବଡ଼ସଂଖ୍ୟା

୧୦. ୭ ଓ ୨୧ ର ଗ.ସା.ଗୁ. କେତେ ? ଉ : ....................
(କ) ୭ (ଖ) ୨୧ (ଗ) ୧ (ଘ) ୧୪୭

୧୧. ୫ ଓ ୨୫ର ଲ.ସା.ଗୁ. କେତେ ? ଉ : ....................
(କ) ୧ (ଖ) ୫ (ଗ) ୨୫ (ଘ) ୧୦୫

୧୨. କୌଣସି ଏକ ସଂଖ୍ୟାରେ କେତେ ଯୋଗକଲେ ଯୋଗଫଳ ସେହି ସଂଖ୍ୟାଟି ହୋଇଥାଏ ? ଉ : ............

(କ) ୧୦୦ (ଖ) ୧୦ (ଗ) ୧ (ଘ) ୦

୧୩. କେଉଁ ଚିତ୍ରରେ ପ୍ରତିସମ ରେଖାଟି ଠିକ୍ ଭାବେ ଦର୍ଶାଯାଇଛି ? ଉ : ................



(କ) (ଖ) (ଗ) (ଘ)

୧୪. ନିମ୍ନୋକ୍ତ ମଧ୍ୟରୁ କେଉଁଟି ପ୍ରତିସମ ଆକୃତି ବିଶିଷ୍ଟ ଇଂରାଜୀ ଅକ୍ଷର ଅଟେ ? ଉ : .....................

(କ) F (ଖ) L (ଗ) H (ଘ) R

୧୫. ସଂରଚନାର ପରବର୍ତ୍ତୀ ସଂଖ୍ୟାଟି କେତେ ? ଉ : .....................

୧୨, ୧୫, ୨୦, ୨୭, .................

(କ) ୩୦ (ଖ) ୩୨ (ଗ) ୩୪ (ଘ) ୩୬

୧୬. ପରବର୍ତ୍ତୀ ସଂରଚନାଟିକୁ ଦର୍ଶାଅ । ଉ : .....................

↑, →, ↓, ←, ↑, →, .....................

(କ) ← (ଖ) ↓ (ଗ) → (ଘ) ↑

୧୭. ସଂରଚନାର ପରବର୍ତ୍ତୀ ସଂଖ୍ୟାଟିକୁ ଲେଖ ।

୪୧୦, ୩୭୦, ୩୩୦, ...............

(କ) ୩୦୦ (ଖ) ୨୧୦ (ଗ) ୨୯୦ (ଘ) ୩୪୦

୧୮. ସଂରଚନାଟିକୁ ଆଗକୁ ବଢ଼ାଇଲେ ଶୂନ୍ୟସ୍ଥାନରେ କେଉଁଟି ରହିବ ?

 , .....................................

(କ)  (ଖ) 

(ଗ)  (ଘ) 

୧୯. ୮ର କେତୋଟି ଗୁଣନୀୟକ ଅଛି ? ଉ : .....................

(କ) ୨ (ଖ) ୩ (ଗ) ୪ (ଘ) ୫

୨୦. କେଉଁ ସଂଖ୍ୟାଟି ଉଭୟ ମୌଳିକ ଓ ଯୁଗ୍ମସଂଖ୍ୟା ଅଟେ ? ଉ : .....................

(କ) ୧ (ଖ) ୨ (ଗ) ୩ (ଘ) ୪

**୨୧ ରୁ ୨୮ ନମ୍ବର ପର୍ଯ୍ୟନ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (ପ୍ରତ୍ୟେକ ପ୍ରଶ୍ନ ୨ ନମ୍ବର ବିଶିଷ୍ଟ)**

୨୧. ୨୩୫୯୭୮ ଓ ୨୩୫୯୮୧ ମଧ୍ୟରେ ଥିବା ମଧ୍ୟବର୍ତ୍ତୀ ସଂଖ୍ୟାଗୁଡ଼ିକ ଲେଖ ।

ଉ :

୨୨. ନିମ୍ନଲିଖିତ ସଂଖ୍ୟାଗୁଡ଼ିକୁ ଉର୍ଦ୍ଧ୍ୱକ୍ରମରେ ଲେଖ।

୭୫୪୦୦୯, ୯୩୪୫୬୦, ୩୪୧୫୨୯, ୭୫୪୦୯୯

ଉ :

୨୩. ତଳେ କେତେଗୁଡ଼ିଏ କୋଣର ମାପ ଦିଆଯାଇଛି । ସ୍ଥୁଳକୋଣଗୁଡ଼ିକୁ ଗୋଲକରି ଚିହ୍ନାଅ ।

୬୭°, ୧୦୮°, ୯୦°, ୧୨°, ୧୭୫°, ୮୯°

୨୪. ରେଖାଖଣ୍ଡ ଓ କୋଣର ଚିତ୍ର ଅଙ୍କନ କରି ପ୍ରତ୍ୟେକର ନାମ ଦିଅ ।

ଉ :

୨୫. ଗୋଟିଏ ବର୍ଗାକାର ପଡ଼ିଆର ପ୍ରତ୍ୟେକ ବାହୁର ଦୈର୍ଘ୍ୟ ୮ ମିଟର ହେଲେ, ଏହାର କ୍ଷେତ୍ରଫଳ କେତେ ହେବ ?

ଉ :

୨୬. ଗୋଟିଏ ସମବାହୁ ତ୍ରିଭୁଜର ପ୍ରତ୍ୟେକ ବାହୁ ୮ ସେ.ମି. ହେଲେ, ଏହାର ପରିସୀମା ନିର୍ଣ୍ଣୟ କର।

ଉ :

୨୭.	ଗୋଟିଏ ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କର ପସନ୍ଦର ଖେଳ ନିମ୍ନ ସାରଣୀରେ ଦିଆଯାଇଛି ।

| **ଖେଳର ନାମ** | **ଛାତ୍ରଛାତ୍ରୀଙ୍କ ସଂଖ୍ୟା** |
|---|---|
| କ୍ୟାରମ୍ | ୭ |
| ବ୍ୟାଡ଼ମିଣ୍ଟନ୍ | ୯ |
| ଚେସ୍ | ୧୪ |

ପଞ୍ଚମ ଶ୍ରେଣୀରେ ମୋଟ କେତେ ଜଣ ଛାତ୍ରଛାତ୍ରୀ ପଢ଼ନ୍ତି ?	ଉ : .................

(କ) ୨୦ (ଖ) ୨୬ (ଗ) ୩୦ (ଘ) ୩୬

୨୮.	ଖାଦ୍ୟମେଳାରେ କେବଳ ଲଡୁ ବିକ୍ରି କରୁଥିବା ଏକ ଦୋକାନର ଚାରିଦିନର ତଥ୍ୟ ନିମ୍ନ ସାରଣୀରେ ଦିଆଯାଇଛି।

| **ଦିବସ** | **ମାଣ୍ଡିଆ ଲଡୁ** | **ବାଦାମ ଲଡୁ** |
|---|---|---|
| ପ୍ରଥମ | ୧୧୭ | ୧୨୧ |
| ଦ୍ୱିତୀୟ | ୧୩୫ | ୧୨୮ |
| ତୃତୀୟ | ୨୦୦ | ୧୨୦ |
| ଚତୁର୍ଥ | ୧୬୦ | ୧୧୦ |

କେଉଁ ଦିବସରେ ଅଧିକ ଲଡୁ ବିକ୍ରି ହୋଇଥିଲା ?	ଉ : .................

(କ) ପ୍ରଥମ (ଖ) ଦ୍ୱିତୀୟ (ଗ) ତୃତୀୟ (ଘ) ଚତୁର୍ଥ

**୨୯ ରୁ ୩୬ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଠିକ୍ କ୍ରମରେ ଲେଖ । (ପ୍ରତ୍ୟେକ ପ୍ରଶ୍ନ ୩ ନମ୍ବର ବିଶିଷ୍ଟ)**

୨୯. ଦୁଇଟି ସଂଖ୍ୟାର ବିୟୋଗଫଳ ୨୩୪୧ । ସାନ ସଂଖ୍ୟାଟି ୧୭୪୮ ହେଲେ, ବଡ଼ ସଂଖ୍ୟାଟି କେତେ ?

ଉ :

୩୦. ପାଞ୍ଚ ଅଙ୍କ ବିଶିଷ୍ଟ ବୃହତ୍ତମ ସଂଖ୍ୟାରେ ଚାରିଅଙ୍କ ବିଶିଷ୍ଟ କ୍ଷୁଦ୍ରତମ ସଂଖ୍ୟା ଯୋଗକଲେ ଯୋଗଫଳ କେତେ ହେବ ?

ଉ :

୩୧. ଦିଆଯାଇଥିବା ଚିତ୍ରର ୦.୪ ଅଂଶକୁ ଗାର ଟାଣି ଦର୍ଶାଅ ।



୩୨. ଜଣେ ବ୍ୟକ୍ତି ତାଙ୍କ ଦରମାର ୦.୬୮ ଅଂଶ ଖର୍ଚ୍ଚ କରନ୍ତି ଓ ଅବଶିଷ୍ଟ ସଞ୍ଚୟ କରନ୍ତି । ତେବେ ସେ ଦରମାର କେତେ ଅଂଶ ସଞ୍ଚୟ କରନ୍ତି ?

ଉ :

୩୩. ତୁମେ ମେଳାରୁ ଗୋଟିଏ ଖେଳନାକୁ ଟ ୪୫.୭୫ରେ, ଗୋଟିଏ ବଲ୍‌କୁ ଟ ୮୭.୫୦ରେ ଓ ଗୋଟିଏ ହାତଘଣ୍ଟାକୁ ଟ ୨୧୦.୦୦ରେ କିଣିଲ । ତୁମେ ମୋଟରେ ଦୋକାନୀକୁ କେତେ ଟଙ୍କା ଦେବ ?

ଉ :

୩୪. ଗୋଟିଏ ଖାତାର ଦାମ୍ ଟ ୩୫.୬୫ ହେଲେ, ସେହିପରି ୮ଟି ଖାତାର ଦାମ୍ ନିର୍ଣ୍ଣୟ କର ।

ଉ :

୩୫. କେବଳ ତିନୋଟି ଗୁଣନୀୟକ ଥିବା ୨ଟି ସଂଖ୍ୟାର ଉଦାହରଣ ଦିଅ ଏବଂ ସେହି ସଂଖ୍ୟାଦ୍ୱୟର ଗୁଣନୀୟକଗୁଡ଼ିକ ଲେଖ ।

ଉ :

୩୬. 'କ' ସ୍ତମ୍ଭର ସଂଖ୍ୟା ସହିତ 'ଖ' ସ୍ତମ୍ଭରେ ସୂଚିତ ଠିକ୍ ଗୁଣନୀୟକମାନଙ୍କୁ ଯୋଡ଼ ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| ୧୨ | ୧, ୩, ୫, ୧୫ |
| ୧୫ | ୧, ୨, ୩, ୫, ୬, ୧୫ |
| ୧୮ | ୧, ୨, ୩, ୬, ୯, ୧୮ |
| | ୧, ୨, ୩, ୫, ୬, ୧୮ |
| | ୧, ୨, ୩, ୪, ୬, ୧୨ |

**୩୭ ରୁ ୪୦ ନମ୍ବର ପର୍ଯ୍ୟନ୍ତ ପ୍ରଶ୍ନର ସମାଧାନ କ୍ରମରେ ଲେଖ । (ପ୍ରତ୍ୟେକ ପ୍ରଶ୍ନ ୫ ନମ୍ବର ବିଶିଷ୍ଟ)**

୩୭. ତୁମେ ଭୋଜି ପାଇଁ ୫୦ କି.ଗ୍ରା.ର ଗୋଟିଏ ଚାଉଳ ବସ୍ତା ଆଣିଲ । ସେଥିରୁ ଭୋଜିରେ ୨୭ କି.ଗ୍ରା. ୫୦୦ ଗ୍ରାମ୍ ଚାଉଳ ଖର୍ଚ୍ଚ ହେଲା । ଅବଶିଷ୍ଟ ଚାଉଳକୁ ୫ ଜଣଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟାଗଲା । ପ୍ରତ୍ୟେକ କେତେ ପରିମାଣର ଚାଉଳ ପାଇବେ ?

ଉ :

୩୮. ଗୋଟିଏ ବଡ଼ ତେଲ ଟିଣରେ ଥିବା ତେଲକୁ ୬ଟି ସମାନ ଆକାରର ଛୋଟ ତେଲ ଟିଣରେ ପୂର୍ଣ୍ଣ କରି ରଖା ଯିବାପରେ ୩ ଲିଟର ତେଲ ବଳିପଡ଼ିଲା । ଯଦି ପ୍ରତ୍ୟେକ ଛୋଟ ତେଲଟିଣରେ ୪ ଲି. ୫୦୦ ମି.ଲି. ତେଲ ଧରେ, ତେବେ ବଡ଼ ତେଲଟିଣରେ କେତେ ପରିମାଣର ତେଲ ଥିଲା ?

ଉ :

୩୯. ତୁମ ବିଦ୍ୟାଳୟରେ ସୋମବାର ଦିନ ୩କି.ଗ୍ରା. ୮୦୦ ଗ୍ରାମ୍ ଚାଉଳ ରୋଷେଇ ହୋଇଥିଲା । ମଙ୍ଗଳବାର ଦିନ ତା' ଠାରୁ ୧ କି.ଗ୍ରା. ୧୦୦ ଗ୍ରାମ୍ ଚାଉଳ କମ୍ ରୋଷେଇ ହେଲା । ତେବେ ଦୁଇଦିନରେ ମୋଟ କେତେ ଚାଉଳ ରୋଷେଇ ହେଲା ?

ଉ :

୪୦. ତୁମ ମାମୁଙ୍କ ଘର ତୁମ ଘରଠାରୁ ୩୨ କି.ମି. ଦୂର । ତୁମେ ତୁମ ମାମୁଘରକୁ ଯିବାପାଇଁ ପ୍ରଥମେ ୧କି.ମି. ୨୦୦ ମିଟର ଦୂରତା ଚାଲି ଚାଲି ଗଲ । ତାପରେ ୨୮ କି.ମି. ବସ୍‌ରେ ଯିବା ପରେ ଅବଶିଷ୍ଟ ଦୂରତାକୁ ଅଟୋରିକ୍ସାରେ ଗଲ । ତେବେ ତୁମେ ଅଟୋରିକ୍ସାରେ କେତେ ଦୂର ଯାଇଥିଲ ?

ଉ :

ooo

# ଅଭ୍ୟାସ ପ୍ରଶ୍ନ

**ଅଷ୍ଟମ ଶ୍ରେଣୀ** **ବିଷୟ : ଓଡ଼ିଆ**

**ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିମନ୍ତେ ସୂଚନା :**

- ଶିକ୍ଷକ/ଶିକ୍ଷୟିତ୍ରୀ, ନିୟମିତ ଶ୍ରେଣୀ କାର୍ଯ୍ୟ ସମୟରେ ଶିକ୍ଷାର୍ଥୀମାନଙ୍କୁ ପାଠ୍ୟପୁସ୍ତକରେ ଥିବା ପ୍ରସଙ୍ଗ ଓ ପାଠ୍ୟପୁସ୍ତକ ବାହାର ପ୍ରସଙ୍ଗ ( ଅନୁଚ୍ଛେଦ, କବିତା , ଗପ , ପୋଷ୍ଟର ଆଦି ) ପଢିବାକୁ ଦେବେ । ପଢିବା ପରେ ଅନୁଚ୍ଛେଦ ସମ୍ପର୍କିତ କେତେକ ପ୍ରଶ୍ନ ଦେଇ ଅଭ୍ୟାସ କରିବେ । ପ୍ରଶ୍ନଗୁଡିକ ସରଳରୁ ଜଟିଳ ହେବ -କାହିଁକି ଓ କିପରି ପ୍ରଶ୍ନ ମଧ୍ୟ ରହିବ ।
- ଶିକ୍ଷକ/ଶିକ୍ଷୟିତ୍ରୀ, ରଚନା , ପତ୍ର ଲିଖନ , ଦରଖାସ୍ତ , ନୋଟିସ ଆଦି ଲେଖିବାକୁ ଦେଇ ଅଭ୍ୟାସ କରାଇବେ। ବ୍ୟାକରଣ ମଧ୍ୟ ଅଭ୍ୟାସ କରାଇବେ।
- ଶିକ୍ଷାର୍ଥୀମାନଙ୍କର ପଠନ ଦକ୍ଷତା ( ପଢି ବୁଝିବା ) , ଲିଖନ ଦକ୍ଷତା , ଭଷା ଜ୍ଞାନ ବୃଦ୍ଧି ନିମନ୍ତେ ବହିରେ ଥିବା ଅଭ୍ୟାସ କାର୍ଯ୍ୟକୁ ନିୟମିତ କରିବା ସହିତ ବହି ବାହାର ପ୍ରଶ୍ନ ମଧ୍ୟ ଦେବେ । ଖବର କାଗଜ , ପୋଷ୍ଟର , ଆଦିକୁ ମଧ୍ୟ ବ୍ୟବହାର କରି ପ୍ରଶ୍ନ ପ୍ରସ୍ତୁତ କରି ଅଭ୍ୟାସ କରାଇବେ।
- ଲିଖିତ ପ୍ରଶ୍ନ ୫୦ ନମ୍ବର ବିଶିଷ୍ଟ ହେବ ।
- ସମସ୍ତ ପ୍ରଶ୍ନ ଶିକ୍ଷଣ ଫଳାଫଳ ଆଧାରିତ ଅଟେ ।

## ୧. ନିମ୍ନରେ ଦିଆଯାଇଥିବା କବିତାକୁ ପଢ଼ ଓ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

**ଏହି ଯେ ଆମର ଜାତୀୟ ପତାକା,**

**ଉଡ଼େ ଫରଫର ପବନ ସୁଏ,**

**ଜାତିର ଏ ଅଟେ ଅମୂଲ୍ୟ ସମ୍ପଦ ,**

**କନା ଛେକା ଖଣ୍ଡେ କେବଳ ନୁହେ ।**

**ଏ ପତାକା ତଳେ ତିରିଶ ବରଷ ,**

**ହୋଇଛନ୍ତି ଜାତି ସଇନେ ରୁଣ୍ଡ ,**

**ଜାତୀୟ ସମରେ ଶତଶତ ବୀର ,**

**ଲଢ଼ି ତ ହରାଇ ଅଛନ୍ତି ମୁଣ୍ଡ ।**

**ନିମ୍ନ ପ୍ରଶ୍ନଗୁଡିକର ଉତ୍ତର ଲେଖ । (୧ x ୧ =୧ )**

- ଆମ ଜାତିର ଅମୂଲ୍ୟ ସମ୍ପଦ ବୋଲି କବି କାହାକୁ କହିଛନ୍ତି ?

  -----------------------------------------------------------------------

- ଏଠାରେ 'କନା ଛେକା ଖଣ୍ଡେ ' କହିଲେ ତୁମେ କଣ ବୁଝୁଛ ? ( ୧ x ୧ =୧ )

  -----------------------------------------------------------------------

- ଜାତୀୟ ସମରେ ଶତଶତ ବୀର, ଲଢ଼ିତ ହରାଇ ଅଛନ୍ତି ମୁଣ୍ଡ '- କହିଲେ ତୁମେ କଣ ବୁଝୁଛ ? ବର୍ଣ୍ଣନା କର । (୩ x ୧ =୩ )

  ----------------------------------------------------------------------------------

  ----------------------------------------------------------------------------------

- 'ଜାତିର ଏ ଅଟେ ଅମୂଲ୍ୟ ସମ୍ପଦ । ରେଖାଙ୍କିତ ପଦର ଅର୍ଥ ନ ବଦଳାଇ ଏଠାରେ ଆଉ ଏକ ଶବ୍ଦ ଲଗାଇ ଲେଖ। (୧ x ୧ =୧)

  ---------------------------------------------------------

## ୨. ନିମ୍ନ ଅନୁଚ୍ଛେଦକୁ ପଢ ଓ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

ଆଧ୍ୟାତ୍ମିକତା ବିଷୟରେ ଆମର ବେଶି କିଛି ଧାରଣା ନାହିଁ । ତେବେ ଆଧ୍ୟାତ୍ମିକତାର ମୌଳିକ ବିଷୟ ହେଉଛି ଯେ ମନୁଷ୍ୟ କେବଳ ବିଷୟାସକ୍ତ ନ ହୋଇ ପ୍ରାଣ ବା ଆତ୍ମା ବିଷୟରେ କିଛି ଧ୍ୟାନ ଦେବ । ଧର୍ମଟା ପୂରାପୂରି ବ୍ୟକ୍ତିଗତ । ଆମର ତ ଧାରଣା ଯେ ଜଣେ କୌଣସି ଏକ ଧର୍ମରେ ବିଶ୍ୱାସ ନ କରି ମଧ୍ୟ ସାମାଜିକ ସହୃଦୟତା ହାସଲ କରିପାରିବ । ବରଂ ଭିନ୍ନଭିନ୍ନ ଦେଶରେ ଧର୍ମକୁ ନେଇ ଯେଉଁ ବାଦ ବିସମ୍ବାଦ ସୃଷ୍ଟି ହେଉଛି, ସେଥିରେ କୌଣସି ଏକ ଧର୍ମକୁ ଗ୍ରହଣ ନ କଲେ ସମାଜର ବେଶି କିଛି କ୍ଷତି ହେବ ନାହି । ନିଜର ସୀମା ନିର୍ଣ୍ଣୟ କରିବାପାଇଁ ଭଗବାନଙ୍କର ଅସ୍ତିତ୍ୱ ସ୍ୱୀକାର କରାଯାଏ । କାରଣ ଏହା ଫଳରେ ମନୁଷ୍ୟ ବେପରୁଆ ହେବାପାଇଁ ସୁଯୋଗ ପାଏ ନାହିଁ । ଏହା ବ୍ୟତୀତ ନିଜର ଦୁଃଖ ଓ ଦୁର୍ବିପାକ ବେଳେ ଭଗବାନଙ୍କର ଆଶ୍ରା ମନୁଷ୍ୟକୁ ସାହସ ଓ ସାନ୍ତ୍ୱନା ଦିଏ । କିନ୍ତୁ ଏହି ଧର୍ମ ଏବେ ମତାନ୍ଧତା ସୃଷ୍ଟି କରି ସାମାଜିକ ବିଭେଦ ସୃଷ୍ଟି କରୁଛି । ତେଣୁ ଆମେ ଧର୍ମ କଥା ନ କହି ଆଧ୍ୟାତ୍ମିକ ଚିନ୍ତା କଥା ଉଲ୍ଲେଖ କରୁଛୁ । ଜଡ଼ବାଦରେ ଭୌତିକ ବସ୍ତୁ ଉପରେ ବେଶି ଗୁରୁତ୍ୱ ଦିଆଯାଏ । ଏହା ଫଳରେ ମନୁଷ୍ୟ ସ୍ୱାର୍ଥପର ହୋଇପଡ଼େ । ଆଧ୍ୟାତ୍ମିକବାଦ ଜଡ଼ବାଦର ବିଷୟାସକ୍ତିକୁ ନିୟନ୍ତ୍ରଣ କରି ମନୁଷ୍ୟର ମନକୁ ବ୍ୟାପକ କରେ । କିନ୍ତୁ ଆଧୁନିକ ସଭ୍ୟତାରେ ଜଡ଼ବାଦ ଉପରେ ଏତେ ଗୁରୁତ୍ୱ ଦିଆଯାଉଛି ଯେ, ମନୁଷ୍ୟର ମନ ବ୍ୟାପକ ନ ହୋଇ ଦିନକୁ ଦିନ ସଂକୀର୍ଣ୍ଣ ହୋଇପଡୁଛି ।

**ନିମ୍ନ ପ୍ରଶ୍ନଗୁଡିକର ଉତ୍ତର ଲେଖ ।**

- ଜଡବାଦରେ କାହା ଉପରେ ବେଶି ଗୁରୁତ୍ୱ ଦିଆଯାଏ ?(୧)

  ---------------------------------------------------------------------------

- ମନୁଷ୍ୟ ଭଗବାନଙ୍କର ଅସ୍ତିତ୍ୱକୁ ସ୍ୱୀକାର କରିବା ସପକ୍ଷରେ ଅନୁଚ୍ଛେଦରେ  କଣ କୁହାଯାଇଛି ? (୨ )

---------------------------------------------------------------------------

  ---------------------------------------------------------------------------

- ଅସ୍ତିତ୍ୱ ଶବ୍ଦର ଅର୍ଥ ଲେଖ । (୧)

  -------------------------------------------------------------------------

- ମନୁଷ୍ୟର ମନ ବ୍ୟାପକ ନହୋଇ ଦିନକୁ ଦିନ ସଂକୀର୍ଣ୍ଣ ହୋଇପଡୁଛି  କାହିଁକି ?(୨ )

--------------------------------------------------------------------------------

  --------------------------------------------------------------------------------

- ଏକ ପଦରେ ପ୍ରକାଶ କର  - ଯାହା ପାଖରେ ବିଶାଳ ହୃଦୟ ଥାଏ ।  (୧)

  --------------------------------------

## ୩. ନିମ୍ନ କବିତାକୁ ପଢ଼  ଓ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

**ଯେ ଦେଶେ ଅଛନ୍ତି ମୋର ପ୍ରିୟ ପରିବାର ,**

**ଦୟାମୟ ପିତା ପୁଣି ଜନନୀ ମୋହର ,**

**ସ୍ନେହର ପିତୁଳା ଭାଇ ଭଉଣୀ ସକଳେ,**

**ଶୋଭନ୍ତି ଫୁଟିଲା ଫୁଲ ପରି ମୋର ଘରେ।**

**ଯେ ଦେଶେ ଖେଳର ସାଥୀ ପ୍ରିୟ ବନ୍ଧୁଗଣ ,**

**ସାଜି ରହିଛନ୍ତି ଯେହେ ନନ୍ଦନକାନନ ।**

**ସେହି ମୋର ଜନ୍ମଭୂମି ଜନନୀ ସମାନ,**

**ଧରା ତଳେ କାହିଁ ଅଛି ତା ସମାନ ସ୍ଥାନ !**

**ନିମ୍ନ ପ୍ରଶ୍ନଗୁଡିକର ଉତ୍ତର ଲେଖ ।**

- କବିତାରେ କାହା ସହିତ କେହି ସମାନ  ନୁହେଁ ବୋଲି କୁହାଯାଇଛି ? (୧)

  -------------------------------------------------------------------
- କବିତାର ଯେକୌଣସି ଦୁଇଟି ସମତାନ ଶବ୍ଦକୁ ଲେଖ । (୧)

  -------------------------------------------------------------------
- ଜନ୍ମଭୂମିକୁ ଜନନୀ ସହ କାହିଁକି ତୁଳନା କରାଯାଇଛି ? (୩ )

  -------------------------------------------------------------------
- କବିତାର ସାରାଂଶକୁ ବର୍ଣ୍ଣନା କର ।(୩ )

  -------------------------------------------------------------------

  -------------------------------------------------------------------
- 'ଧରା' ବଦଳରେ  ଏଠାରେ ଆଉ କେଉଁ ଶବ୍ଦ ବ୍ୟବହାର କରାଯାଇପାରିବ ? (୧  )

  ----------------------------------------------------------------

## ୪ . ନିମ୍ନ ଅନୁଚ୍ଛେଦଟିକୁ ପଢ଼ ଓ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ଆମ ସୌରମଣ୍ଡଳ ହେଉଛି ଏକ ଅସାଧାରଣ ଏବଂ ଜଟିଳ ମହାକାଶୀୟ  ଜାଗତିକ ବସ୍ତୁ ସମୂହର ସଂଗ୍ରହ। ଏହା  ସୂର୍ଯ୍ୟ, ଆଠଟି ଗ୍ରହ, ସେଗୁଡ଼ିକର ଉପଗ୍ରହ, ଏବଂ ବିଭିନ୍ନ ପ୍ରକାର ଅନ୍ୟ ବସ୍ତୁ ଯେପରି ଗ୍ରହାଣୁ ଏବଂ ଧୂମକେତୁକୁ ନେଇ ଗଠିତ । ସୌରମଣ୍ଡଳ ବିଷୟରେ ଧାରଣା ଆମକୁ ବ୍ରହ୍ମାଣ୍ଡ ଏବଂ ଏହା ମଧ୍ୟରେ ଆମର ସ୍ଥାନ ବୁଝିବାରେ ସାହାଯ୍ୟ କରିଥାଏ ।

ସୂର୍ଯ୍ୟ, ଏକ ବୃହତ ଉତ୍ତପ୍ତ  ଗ୍ୟାସୀୟ ପିଣ୍ଡ, ଏହା ଆମର ସୌରମଣ୍ଡଳର କେନ୍ଦ୍ରରେ ଥାଏ । ଏହା ସମସ୍ତ ଗ୍ରହକୁ ଆଲୋକ ଏବଂ ଉତ୍ତାପ ଯୋଗାଇଥାଏ। ସୂର୍ଯ୍ୟଙ୍କର ନିକଟତମ ଗ୍ରହ ବୁଧରେ ବାୟୁମଣ୍ଡଳ ନ ଥିବାରୁ ଦିନରେ ବହୁତ ଗରମ ଏବଂ ରାତିରେ ଅଧିକ ଥଣ୍ଡା ଅନୁଭୂତ ହୋଇଥାଏ । ଅଙ୍ଗାରକାମ୍ଳର ଘନ ବାୟୁମଣ୍ଡଳ ଯୋଗୁ ଶୁକ୍ର ହେଉଛି ସବୁଠାରୁ ଉତ୍ତପ୍ତ ଗ୍ରହ । ପୃଥିବୀ, ଯେଉଁଠି ଆମେ ବାସ କରୁ, ବଞ୍ଚିବା ପାଇଁ ଏକମାତ୍ର ଗ୍ରହ ।  ମଙ୍ଗଳ ଗ୍ରହର ଅନ୍ୟ ନାମ ହେଉଛି ଲାଲ୍ ଗ୍ରହ । ଏହାର ମାଟିରେ ଅଧିକ ଲୌହ ଉପାଦାନ ରହିଛି, ଫଳରେ ଏହା ଲାଲ୍ ରଙ୍ଗର ।

ସୌରମଣ୍ଡଳରେ ଥିବା ଅନ୍ୟ ଗ୍ରହଗୁଡ଼ିକ ହେଉଛି ବୃହସ୍ପତି, ଶନି, ୟୁରେନସ୍ ଏବଂ ନେପଚୁନ୍, ପ୍ରାୟତଃ ଏଗୁଡ଼ିକୁ ଗ୍ୟାସୀୟ ପିଣ୍ଡ କୁହାଯାଏ । ଏହି ଗ୍ରହଗୁଡ଼ିକ ମୁଖ୍ୟତଃ ଗ୍ୟାସ୍‌ରେ ଗଠିତ । ଏଗୁଡ଼ିକର ଅନେକ ଉପଗ୍ରହ ଅଛି ଏବଂ ଚମତ୍କାର ବଳୟ ଅଛି । ବୃହସ୍ପତି ହେଉଛି ବୃହତ୍ତମ ଗ୍ରହ ଯେଉଁଥିରେ ପ୍ରସିଦ୍ଧ ବୃହତ୍ ଲାଲ୍ ଚିହ୍ନ ରହିଛି, ଯାହା ପୃଥିବୀରୁ ଦୃଶ୍ୟମାନ ହୁଏ ।

ସୌରମଣ୍ଡଳରେ ଅନ୍ୟାନ୍ୟ ବସ୍ତୁ ମଧ୍ୟ ରହିଛି । ଧୂମକେତୁ ହେଉଛି ବରଫାବୃତ୍ତ ବସ୍ତୁ ଯାହା ସୂର୍ଯ୍ୟଙ୍କୁ ପରିକ୍ରମା କରେ । ଗ୍ରହାଣୁଗୁଡ଼ିକ ହେଉଛି ପଥରବିଶିଷ୍ଟ ବସ୍ତୁ ,ଯାହା ମଙ୍ଗଳ ଏବଂ ବୃହସ୍ପତି ମଧ୍ୟରେ ଥିବା ଗ୍ରହାଣୁପୁଞ୍ଜରେ ଦେଖାଯାଏ ।

**ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । ଠିକ୍ ବିକଳ୍ପକୁ ଠିକ୍ (√) ଚିହ୍ନ ଦ୍ୱାରା ଦର୍ଶାଅ ।**

- ଆମ ସୌରମଣ୍ଡଳରେ ଗ୍ରହାଣୁପୁଞ୍ଜ କେଉଁଠାରେ ଅବସ୍ଥିତ?(୧ ନମ୍ବର )

  କ. ପୃଥିବୀ ଏବଂ ମଙ୍ଗଳ ମଧ୍ୟରେ

  ଖ. ମଙ୍ଗଳ ଏବଂ ବୃହସ୍ପତି ମଧ୍ୟରେ

  ଗ. ବୃହସ୍ପତି ଏବଂ ଶନି ମଧ୍ୟରେ

  ଘ. ୟୁରେନସ ଏବଂନେପଚୁନ ମଧ୍ୟରେ

- ଆମ ସୌରମଣ୍ଡଳର କେଉଁ ଗ୍ରହଟି ବୃହତ୍ତମ ଏବଂ ସେଥିରେ ବୃହତ୍ ଲାଲ ଚିହ୍ନ ରହିଛି,? (୧ନମ୍ବର)

  କ. ବୃହସ୍ପତି

  ଖ . ମଙ୍ଗଳ

  ଗ. ୟୁରେନସ

  ଘ . ଶନି

- କେଉଁ ଗ୍ରହରେ ବାୟୁମଣ୍ଡଳର ଅଭାବ ହେତୁ ଅତ୍ୟଧିକ ଗରମ ଏବଂ ଅତ୍ୟଧିକ ଥଣ୍ଡା ଅନୁଭୂତ ହୁଏ ? (୧ ନମ୍ବର)

  କ. ପୃଥିବୀ

  ଖ . ଶୁକ୍ର

  ଗ. ମଙ୍ଗଳ

  ଘ. ବୁଧ

**ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।**

- ମଙ୍ଗଳ ଗ୍ରହ ମାଟିର ରଙ୍ଗ ଲାଲ କାହିଁକି? (୨ ନମ୍ବର)

-----------------------------------------------------------------------------------

- ବୁଧ ଗ୍ରହ, ଶୁକ୍ର ଗ୍ରହ ଠାରୁ ଭିନ୍ନ କିପରି ? (୩ନମ୍ବର)

---

-------------------------------------------------------------------------------------

- ଚମତ୍କାର – ଶବ୍ଦ ବ୍ୟବହାର କରି ବାକ୍ୟ ଗଠନ କର । (୧ ନମ୍ବର)

  -----------------------------------------------------------------------------------

## ୫. ନିମ୍ନ ଅନୁଚ୍ଛେଦକୁ ପଢ଼ ଓ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

ଜାଣିଛୁ ତ ସୁମି , ଆସନ୍ତାକାଲି ଚନ୍ଦ୍ର ଗ୍ରହଣ । ଦିନ ବାରଟା ପୂର୍ବରୁ ହାଣ୍ଡି ଛାଡ । ରାତି ପାଇଁ ଅଳ୍ପ କିଛି ପିଠା କରି ରଖିଦେବା । ଆମେ ସମସ୍ତେ ବାରଟା ବେଳକୁ ଖାଇ ଦେଇ , ଯାହା ବଳିବ ସେଗୁଡିକୁ ଫିଙ୍ଗି ଦେବୁ । କ୍ଷୀର , ଦହି ଆଦିରେ ତୁଳସୀ ପତ୍ର ପଡ଼ିବା ତୁ ବି ସେଇୟା କରିବୁ । ଆଦୌ ଭୁଲିବୁ ନାହିଁ । " ଏମିତି ମାଆ , ମାଉସୀ ସହିତ କଥା ହେଇ ଫୋନ୍ ରଖିଦେଲା ।

ତହିଁ ଆର ଦିନ ସନ୍ଧ୍ୟା ଆଠଟା ବେଳେ ମୁଁ ବାଲକୋନିରେ ବସି ଉପନ୍ୟାସ ପଢୁଥାଏ । ଠିକ୍ ସେତିକି ବେଳେ ଦେଖିଲି - ମାଆ କିଛି ପୁଡିଆ ନେଇ ବାହାରେ ରଖୁଛି । ଆଶ୍ଚର୍ଯ୍ୟ ହୋଇ ପଚାରିଲି , " ମାଆ ଏଇଟା କଣ ? " ମାଆ କହିଲେ ଆଉ ଟିକେ ପରେ ଗ୍ରହଣ ଲାଗିବ, ତାକୁ ଆଉ କାହିଁକି ରଖିବି? ସବୁ ଫୋପାଡି ଦେଉଛି ," କିଛି ସମୟ ପରେ ମୋ ଆଖି ପଡ଼ିଲା - ରାସ୍ତା କଡ଼ରେ ଥିବା ସେଇ ପୁଡ଼ିଆକୁ ଦୁଇଟି ସାତ ଆଠ ବର୍ଷୀୟା ପିଲା ଖୋଲି , ଆନନ୍ଦରେ ଖାଉଛନ୍ତି । ଦୁହିଁଙ୍କୁ ମନରେ ଢେର୍ ଆନନ୍ଦ ।

ଆଜି ଖାଦ୍ୟରେ କିଛି ମିଶ୍ରଣ ନାହିଁ । ଭାବିବାକୁ ନାହିଁ କେଉଁଠି ସଫା , କେଉଁଠି ଅପରିଷ୍କାର, ଆଖି ପୂରେଇ ଦେଖିଲି ସେମାନଙ୍କୁ । ତାଙ୍କ ଚାପା ହସ ଆଉ ଧୀର କଥା ମୋତେ ସ୍ପର୍ଶ କଲା । ଜଣେ ଅନ୍ୟଜଣଙ୍କୁ କହୁଛି , - " ଭାତ , ଡାଲି , ପିଠା, ତରକାରି, ମିଠା ........। ପେଟପୂରା ଖାଇଦେ । କିଏ ଜଣେ ପୁଣି କେବେ ଏମିତି ଭଲ ଖାଇବା ମିଳିବ କି ନାହିଁ ....! " ମୁଁ ମନେ ମନେ କହିଲି , ହେ ଈଶ୍ୱର, ଏମିତି ଗ୍ରହଣ ସବୁବେଳେ ହେଉ।

**ନିମ୍ନ ପ୍ରଶ୍ନଗୁଡିକର ଉତ୍ତର ଲେଖ । ( ୧ x ୩ =୩ )**

- ଚନ୍ଦ୍ରଗ୍ରହଣ ପାଇଁ କେଉଁ ସମୟରୁ ରାନ୍ଧିବାକୁ ବାରଣ କରାଯାଇଥିଲା ?

  ---------------------------------------------------------------------------

- ଗ୍ରହଣ ହେତୁ କ୍ଷୀର , ଦହିରେ କ'ଣ ପକାଇ ରଖିବାକୁ ହେବ ?

  ---------------------------------------------------------------------------

- ରାସ୍ତା କଡରେ ଥିବା ଖାଦ୍ୟକୁ କେଉଁ ମାନେ ଖାଉଥିଲେ ?

  ---------------------------------------------------------------------------

- ଆଉ ଟିକେ ପରେ ଗ୍ରହଣ ଲାଗିବ, ତାକୁ ଆଉ କାହିଁକି ରଖିବି? - ଏକଥା କିଏ କାହାକୁ ଓ କାହିଁକି କହିଛନ୍ତି ? (୨ ନମ୍ବର)

-------------------------------------------------------------------------

-------------------------------------------------------------------------

- ମୁଁ ମନେ ମନେ କହିଲି ହେ ଈଶ୍ୱର , ଏମିତି ଗ୍ରହଣ ସବୁବେଳେ ହେଉ – ଏହାକୁ ସରଳ ଭାଷାରେ ଲେଖ । (୩ ନମ୍ବର)

---------------------------------------------------------------------------

---------------------------------------------------------------------------

---------------------------------------------------------------------------

- "ତାଙ୍କ ଚାପା ହସ ଆଉ ଧୀର କଥା ମୋତେ ସ୍ପର୍ଶ କଲା"। ଅର୍ଥ ନ ବଦଳାଇ ଏଠାରେ ରେଖାଙ୍କିତ ପଦକୁ ବଦଳାଇ ବାକ୍ୟଟିକୁ ଆଉ ଥରେ ଲେଖ । (୧ନମ୍ବର )

---------------------------------------------------------------------------

## ୬. ବିରାମ ଚିହ୍ନ ଦେଇ ବାକ୍ୟକୁ ଆଉ ଥରେ ଲେଖ । (୧x ୨ =୨ )

- କଣ କରିବି କହିଲ ସକାଳ ପହରଠାରୁ ତ ଘରୁ ବାହାରିଛି

-----------------------------------------------------------------

- ସନା ସନାରେ ପୁଅ ଏଇ ନେ ବାପ ଭାତ ଟିକେ ଖାଇଦେ

----------------------------------------------------------------------

## ୭. ନିର୍ଦ୍ଦେଶ ଅନୁସାରେ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।(୧ନମ୍ବର )

- ଏଇ ହିଁ ସେଇ ହଜିଲା ମୂର୍ତ୍ତି ( ନିର୍ଦ୍ଦେଶ ବାଚକ ସର୍ବନାମ ତଳେ ଗାର ଦିଅ । )
- ରମେଶ ନିଜେ ନିଜକୁ ସଂଶୋଧନ କରୁ ( ଗୁରୁତ୍ୱ ଆରୋପକ ସର୍ବନାମ ତଳେ ଗାର ଦିଅ। )

## ୮. ସନ୍ଧିବିଚ୍ଛେଦ କରି ଲେଖ ।(୧ନମ୍ବର )

- ଜଗନ୍ନାଥ -----------------------
- ପ୍ରଶ୍ନୋତ୍ତର -----------------------------

## ୯. ଜଟିଳ ବାକ୍ୟ  ଗଠନ କରି ଗାର ଉପରେ ଲେଖ । (୧ନମ୍ବର )

କ .ଯେତେବେଳେ ସୂର୍ଯ୍ୟ ଉଦୟ ହେବେ

ଖ ସେତେବେଳେ  ପଦ୍ମ  ଫୁଲ ଉଠିବ ।

-----------------------------------------------------------------

## ୧୦. ଯୌଗିକ ବାକ୍ୟ ଗଠନ  କରି ଗାର ଉପରେ ଲେଖ  । (୧ନମ୍ବର )

କ.  ଖେଳରେ ଆମେ ଜିତିବା

ଖ. ଖେଳରେ ଆମେ ହାରିବା

-----------------------------------------------------------------------------

## ୧୧. ଲିଙ୍ଗ ପରିବର୍ତ୍ତନ କରି ଲେଖ । (୧ ନମ୍ବର  )

ସଭ୍ୟ ------------

ଗୁରୁ ----------------

## ୧୨. ରେଖାଙ୍କିତ ପଦଟି କେଉଁ ପ୍ରକାର ବିଶେଷଣ ଲେଖ । (୧ନମ୍ବର )

- ମାତୃଭୂମି ସରଗ ଠାରୁ ଗରୀୟାନ ।  ----------------
- ଶିଳ୍ପୀ ସୁନ୍ଦର ମୂର୍ତ୍ତି ଗଢିଲେ ।  ------------------------

## ୧୩. ନିମ୍ନଲିଖିତ ପହେଳିକୁ ବୁଝି ଉତ୍ତର  ଲେଖ । (୧ନମ୍ବର  )

**କ .** ଦଉଡ଼ି ଦେଇ ଗଛରେ ଝୁଲେ

ଖୁସି  ହୁଅନ୍ତି ଦେଖିଲେ ପିଲେ

ବସନ୍ତି ଯାଇ ତା ଉପରେ

ଗାଆନ୍ତି ଗୀତ ମନ ଖୁସିରେ

---------------------------------------------------

**ଖ.** ଦୁହେଁ ମିଶିଲେ ହୁଅଇ ଶବ୍ଦ

ଯନ୍ତ୍ର ନୁହେଁ ସେ ତଥାପି ବାଦ୍ୟ

ଫୁଲ ନୁହେଁ ହେଲେ ବାସନା ଭଲ

ଧୋଇ ଦିଏ ସବୁ ମସିଆ, ଜନମରୁ ସିଏ ଡଉଲ ଡାଉଲ

ମଲାବେଳକୁ ସେ ପାତିଆ

---------------------------------------------------

## ୧୪. ନିମ୍ନ ଢଗଢମାଳିକୁ ବୁଝାଇ ଲେଖ । (୨ x ୧ =୨ )

- ଅଜାଗା ଘା ଦେଖି ହୁଏ ନାହିଁ କି ଦେଖାଇ ହୁଏ  ନାହିଁ ।

  ---------------------------------------------------------------------------

- ଅଣ୍ଟି  ଛୁରୀ ତଣ୍ଟି କାଟେ ।

  ---------------------------------------------------------------------------

- ବସି ଖାଇଲେ ନଈ ବାଲି ସରେ ।

  ---------------------------------------------------------------------------

## ୧୫. ପତ୍ରଲିଖନ / ଦରଖାସ୍ତ ଲେଖ । (୫ x ୧ =୫ )

- ଆସନ୍ତା ଛୁଟିରେ ତୁମ ବିଦ୍ୟାଳୟର ପିଲାମାନଙ୍କ ସହିତ ପରିଭ୍ରମଣରେ ଯୋଗ ଦେବାକୁ ଇଛା କରିଛି । ବାପାଙ୍କ ଅନୁମତି ଓ ଟଙ୍କା ପଠାଇବା ପାଇଁ ବାପାଙ୍କ ନିକଟକୁ ପତ୍ର ଲେଖ ।

- ତୁମ ଭାଇର ବାହାଘର ଆସନ୍ତା ସପ୍ତାହରେ ଅନୁଷ୍ଠିତ ହେବ । ତୁମେ ସେଥିରେ ଯୋଗଦେବାକୁ ଦୁଇ ଦିନ ଛୁଟି ପାଇଁ ପ୍ରଧାନ ଶିକ୍ଷକଙ୍କ ନିକଟକୁ ଦରଖାସ୍ତ ଲେଖ ।

- ତୁମ ଗାଁ ର ପକ୍କା ସଡକ ଫାଟି ଯାଇଛି । ସଡକ ମରାମତି ନିମନ୍ତେ ତୁମ ଗାଁ ର ସରପଞ୍ଚଙ୍କ ନିକଟକୁ ଦରଖାସ୍ତ ଲେଖ ।

## ୧୬. ନିମ୍ନଲିଖିତ ପ୍ରସଙ୍ଗ ମଧ୍ୟରୁ ଯେକୌଣସି ଗୋଟିଏ ବିଷୟରେ ଲେଖ । ( ୫ x ୧ =୫ )

- ନିଶା ନିବାରଣ

- ବିଜ୍ଞାନର ଉପକାରିତା

# Practice Questions

**Class VIII** **Subject: English**

**Instruction to the teacher:**

- These practice questions have been developed in accordance with the Assessment Framework prepared for the Annual examination.
- The paragraphs/texts/poems have been taken from both the textbook and outside the textbook.
- The teachers will prepare a variety of questions and practise with the students. They will ensure that all practice work in the textbook is completed.
- All questions are learning outcome based.

## 1. Read the poem and answer the questions that follow.

Boats sail on the rivers
and ships sail on the seas;
But clouds that sail across the sky
Are prettier far than these.
There are bridges on the rivers,
As pretty as you please;
But the bow that bridges heaven,
Over the tops of trees,
And builds a road from earth to sky,
Is prettier far than these.

**Complete the sentences using correct alternatives. (1 x3 = 3 marks)**

a) Ships sail on the________

(i)rivers (ii) seas (iii) dams (iv) streams

b) There are bridges on the ___________

(i) rivers (ii) seas (iii) canals (iv) ponds

(c)________ builds a road from earth to sky.

(i) the bow (ii) the clouds (iii) the trees (iv) the earth

**Fill in the blanks. (1x3= = 3 marks)**

a) Boats and ships are compared to________

(b) Rivers and seas are compared to ______

(c) Rainbow is compared to ____________

**Answer the following questions.**

a) How are clouds compared to boats? ( 2 marks)

-------------------------------------------------------------------------------------------

-------------------------------------------------------------------------------------------

b) Why is the rainbow compared to a road? ( 3 marks )

-------------------------------------------------------------------------------------------

-------------------------------------------------------------------------------------------

c)The rainbow is the prettiest of all. Who said this and why?( 3 marks )

-------------------------------------------------------------------------------------------

-------------------------------------------------------------------------------------------

## 2.Read the passage and answer the following questions.

Air pollution occurs when harmful gases, smoke, and chemicals mix with the air we breathe. The primary sources of air pollution are vehicles, factories, burning of garbage, and use of fossil fuels. Air pollution makes the air dirty and unsafe for living beings. It can cause breathing problems, asthma, headaches, and irritation in the eyes. Plants are also affected because polluted air slows their growth and damages their leaves.

Air pollution can also contribute to climate change, which in turn causes extreme weather conditions. To reduce air pollution, we must use public transport, plant more trees, and avoid burning waste. Everyone must work together to keep the air clean and protect our environment.

**Read the following sentences carefully. Write 'T' for a true statement and 'F' for a false statement. ( 1x3= 3 marks)**

**a)** Burning garbage is one of the causes of air pollution.

b) To reduce air pollution, everyone must use personal vehicles.

c) Air pollution can damage the leaves of plants.

**Answer the following questions. ( 1x3= 3 marks)**

a) What is air pollution?

-------------------------------------------------------------------------------------------

b) Mention one health problem caused by air pollution.

------------------------------------------------------------------------------------------------

c) What steps should we take to reduce air pollution?

------------------------------------------------------------------------------------------------

-----------------------------------------------------------------------------------------------

**Answer the following questions.**

a) Why is air pollution harmful to human beings? **( 2marks)**

-----------------------------------------------------------------------------------------------

------------------------------------------------------------------------------------------------

b) How does air pollution contribute to climate change? **( 3 marks)**

------------------------------------------------------------------------------------------------

------------------------------------------------------------------------------------------------

c)Why is planting more trees important? **( 3 marks)**

------------------------------------------------------------------------------------------------

------------------------------------------------------------------------------------------------

------------------------------------------------------------------------------------------------

**Make sentences using the following words.** (any two) **( 2 marks)**

- protect
- source
- affect

## 3. Read the poem and answer the following questions.

I can get through a gateway
Without any key,
And strip the leaves from
The great oak tree.
I can drive the storm clouds,
And shake the tall towers
Or steal through the garden
And not wake the flowers

**Answer the questions. (1x6=6 marks)**

(a) Who can get through a gateway?

-------------------------------------------------------------

(b) Who is the narrator of the poem?

---------------------------------------------------------------

(c) What can the wind strip?

--------------------------------------------------------------------

(d) Name two destructive actions mentioned in the poem?

--------------------------------------------------------------------------

(e) What can the wind shake?

------------------------------------------------------------------------

(f) Name two gentle actions mentioned in the poem.

---------------------------------------------------------------------------

**Answer the questions.**

(a)How the wind is both strong and gentle? ( 3 marks)

----------------------------------------------------------------------------------------

--------------------------------------------------------------------------------------

(b) Why is this wind so destructive? ( 1 mark)

--------------------------------------------------------------------------------------

**Write rhyming words for the following words and make sentences using the rhyming words**. (1x2=2 marks)

shake-

tower –

**Answer the questions.**

(a) Can you be like the wind? How? (2 marks)

--------------------------------------------------------------------------------

(b) Write two sentences using the words ‘water’and ‘garden’. ( 2marks)

--------------------------------------------------------------------------------

--------------------------------------------------------------------------------

## 4. Read the paragraph and answer the following questions.

Kalu was a poor stonecutter. One day, it was hot, and Kalu did not feel like working. He put his axe down and said, "I want to be rich." Suddenly, an angel came down from heaven and said, "You shall be rich". And so, Kalu became rich. He ate and drank all day. One day, he saw a king. Everybody bowed to him. Kalu said, "Money isn't enough. I want to be a king". The angel came again, and made him a king. Now everybody bowed to him. Kalu was happy. One day, he was going around his country. The hot sun burnt him. Suddenly, Kalu shouted, "I want to be the sun". The angel came again and turned Kalu into the sun. Kalu burnt everything. He burnt the faces of kings. He burnt the faces of the rich and of the stonecutters who were cutting stones. He was happy. But after some days, he saw a cloud below him. It would not go away. Now he could not reach the earth any more. The cloud was stronger! And of course, the man wanted to be a cloud.

**Choose the correct answer and write. (1x3=3)**

Who came when Kalu wished to be rich?

a) A fairy

b) An angel

c) A king

d) A cloud

What did Kalu turn into after becoming a king?

a) A cloud

b) The sun

c) A bird

d) A stone

What prevented the sun (Kalu) from reaching the earth?

a) Wind

b) Rain

c) A cloud

d) Darkness

**Answer the following questions. (1x3=3)**

a) What was Kalu's occupation at the beginning of the story?

-----------------------------------------------------------------------------------

b) What did Kalu do all day after becoming rich?

-----------------------------------------------------------------------------------

c)Money is enough, I want to be a king – Who said?

-----------------------------------------------------------------------------------

**Answer the following questions.**

a) Why did the sun not shine on the earth? ( 3x1=3)

-----------------------------------------------------------------------------------

-----------------------------------------------------------------------------------

b) Why did Kalu want to become a cloud? (1x1=1)

-----------------------------------------------------------------------------------

-----------------------------------------------------------------------------------

**Make sentences using the following words.** (1x2=2)

- enough-
- around -

**Answer the following questions.** (2x2=4)

a) If you were Kalu, would you be satisfied after becoming rich? Why or why not?

-----------------------------------------------------------------------------------

b) If you were a Sun, what would you do?

-----------------------------------------------------------------------------------
----

## 5. Identify the tense used in the following sentences and write. (2marks)

(a) "She has completed her homework." ----------------------

(b) "They will be travelling tomorrow." -----------------------

## 6. Fill in the blanks with appropriate prepositions. ( 3 marks)

Rita walked ____ the garden early in the morning. She sat ____ a bench to read her book. Birds were flying ____ the trees.

Or

## 7. Complete the sentences of column A by matching with the correct preposition mentioned in column B.

| A | B |
|---|---|
| The cat is hiding ---------------- the table | between |
| She will return -------------6 p.m. | under |
| Distribute the sweets ------------ the two friends. | at |

## 8. Change into active. (1 mark)

"The homework was done by the students."

-----------------------------------------------------------------------------------------

## 9. Identify whether the sentence is Active or Passive.( 1 mark)

"The match will be played tomorrow." -------------------------------

## 10. Read the sentences, identify the adjectives and write any three of them in the blank space. (3 marks)

A young girl moved into a new house last week. She planted bright flowers in the garden. Soon, the beautiful garden became a favourite place for everyone.

---------------------------------------------------------------------------------

## 11. Rewrite the sentence using correct punctuation mark. (1 x2=2)

a) Rita said I will join the competition tomorrow

-----------------------------------------------------------------------------------------

b) Do you know the way to the station or should I ask someone else

---------------------------------------------------------------------------------

## 12. Write a paragraph using the following words. (5 marks)

(classroom, playground, learning, friends, teachers, activities)

## 13. Complete the following paragraph using the words from brackets. ( 5 marks)

**(practice, team, rules, winner, healthy)**

Sports keep us --------- and active. We learn to work in a ---------- and support each other. Regular --------- helps us build strength. Every game has ------- that players must follow. Whether we become a ----------- or not, we should play with honesty.

## 14.Write a paragraph about your teacher in five sentences. ( 5 marks)

## 15. Complete the following letter to your friend on your birthday celebration by filling the blanks. (2marks)

--------------

6.12.2025

Dear Shivani,

My birthday is on the 20th of this month. My family is celebrating the occasion. My parents are giving a party. Please join us.

With best wishes

------------------------

## 16. Write an application to your Headmaster requesting him to grant three days leave. (5 marks)

## 17. Complete the Notice by choosing the appropriate words from brackets given below. (2 marks)

**(homework, students, 69, 16.06.2025)**

**Notice: -------------------**

**Date: 28.04.2025**

-----------------are hereby informed that the school will remain closed for Summer Vacation from 1st May to 15th June 2025.

Regular classes will start from -------------------------. Students are advised to complete their holiday ----------------and stay safe during the vacation.

----------------------------------------------

# <u>ଅଭ୍ୟାସ ପ୍ରଶ୍ନ</u>

**ଶ୍ରେଣୀ : ଅଷ୍ଟମ** **ବିଷୟ : ବିଜ୍ଞାନ**

**ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ନିମନ୍ତେ ସୂଚନା :**

- ଚଳିତ ଶିକ୍ଷା ବର୍ଷ (୨୦୨୫-୨୦୨୬) ରେ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା ନିମନ୍ତେ 'ବିଜ୍ଞାନ' ବିଷୟ ପାଇଁ ପ୍ରସ୍ତୁତ କରାଯାଇଥିବା ପ୍ରଶ୍ନ ବ୍ୟାଙ୍କକୁ ଆଧାର କରି ଏହି ଅଭ୍ୟାସ ପ୍ରଶ୍ନ ପ୍ରସ୍ତୁତ କରାଯାଇଛି ।
- ଅଭ୍ୟାସ ପ୍ରଶ୍ନ ପ୍ରସ୍ତୁତି ସମୟରେ ମାର୍ଗଦର୍ଶିକା ଅନୁଯାୟୀ SA-1 ର ପୂର୍ବରୁ ପଢାଯାଇଥିବା ପ୍ରସଙ୍ଗ ଏବଂ SA-1 ପରେ ପଢାଯାଇଥିବା ପ୍ରସଙ୍ଗର ପ୍ରଶ୍ନ ପ୍ରସ୍ତୁତ କରାଯାଇଛି । ଏଥିସହିତ ଜ୍ଞାନାତ୍ମକ, ବୋଧାତ୍ମକ ଓ ପ୍ରୟୋଗାତ୍ମକ ପ୍ରଶ୍ନଗୁଡିକୁ ଯଥାକ୍ରମେ ୩୦% ,୪୦% ଏବଂ ୩୦% ଅନୁପାତରେ ପ୍ରସ୍ତୁତ କରାଯାଇଛି ।
- ଏହି ଅଭ୍ୟାସ ପ୍ରଶ୍ନଗୁଡ଼ିକ ଶିକ୍ଷଣ ଫଳାଫଳ ଆଧାରିତ ଅଟେ ।
- ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅନୁରୋଧ ଯେ, ଏହି ପ୍ରଶ୍ନଗୁଡିକୁ ଶ୍ରେଣୀରେ ଅଭ୍ୟାସ କରିବେ ଓ ପାଠ୍ୟପୁସ୍ତକର ବିଭିନ୍ନ ଅଧ୍ୟାୟରେ ଥିବା ପ୍ରଶ୍ନଗୁଡିକୁ ମଧ୍ୟ ଅଭ୍ୟାସ କରାଇବେ ।

## ୧. ଚାରୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି ଲେଖ । ( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ )

- ନିମ୍ନୋକ୍ତ ମଧ୍ୟରୁ ତୁମେ ବ୍ୟବହାର କରୁଥିବା କେଉଁ ପଦାର୍ଥ ପରିବେଶ ପ୍ରଦୂଷଣର କାରକ ଅଟେ ?

(କ) ପ୍ଲାଷ୍ଟିକ

(ଖ) କାଗଜ

(ଗ) କାଚ

(ଘ) କାଠ

- ତୁମେ କାନ୍ଧରେ ପକାଇ ଆସୁଥିବା ସ୍କୁଲବ୍ୟାଗର ଫିତା ଚଉଡାହେଲେ କାନ୍ଧ ଉପରେ ବ୍ୟାଗଟିର ଓଜନ ଜନିତ ଚାପ:___________________।

  କ) ଅଧିକ ହେବ

  ଖ) କମ୍ ହେବ

  ଗ) ସମାନ ରହିବ

  ଘ) ପ୍ରଥମେ ବଢି ଧୀରେଧୀରେ କମିବ

- ତୁମ ପରିବେଶରେ ଘଟୁଥିବା ନିମ୍ନୋକ୍ତ ଘଟଣା ଗୁଡିକ ମଧ୍ୟରୁ କେଉଁ ଘଟଣାଟି ବାୟୁଚାପ ସହ ସମ୍ପୃକ୍ତ ?

  କ) ଭୂମିକମ୍ପ

  ଖ) ଭୂସ୍ଖଳନ

  ଗ) ବଜ୍ରପାତ

  ଘ) ଘୂର୍ଣ୍ଣିବାତ୍ୟା

- ମହାକାଶୀୟ ବସ୍ତୁମାନଙ୍କର ଦୂରତା __________ଏକକରେ ମପାଯାଏ ।

  କ) ମିଟର

  ଖ) କିଲୋ ମିଟର

  ଗ) ଆଲୋକବର୍ଷ

  ଘ) ଅଧିବର୍ଷ

- ପୃଥିବୀ ପୃଷ୍ଠର ଚାରିପଟେ ପ୍ରାୟ___________ କି.ମି ପର୍ଯ୍ୟନ୍ତ ବାୟୁମଣ୍ଡଳ ବିସ୍ତୃତ ।

  କ) ୧୦୦୦ କି.ମି

  ଖ) ୧୧୦୦ କି.ମି

  ଗ) ୧୨୦୦ କି.ମି

  ଘ) ୧୩୦୦ କି.ମି

- ଧ୍ୱନି କେଉଁ ମାଧ୍ୟମରେ ଗତି କରିପାରେ?

  କ) କେବଳ ଗ୍ୟାସୀୟରେ

  ଖ) କେବଳ ତରଳରେ

  ଗ) କେବଳ କଠିନରେ

  ଘ) କଠିନ, ତରଳ ଓ ଗ୍ୟାସୀୟରେ

- ଜଣେ ଛାତ୍ର ବିଜ୍ଞାନଗାରରେ ଆଲୋକର ଏକ ରଶ୍ମିକୁ ଦର୍ପଣ ଉପରେ ପକେଇଲ । ଯାହା ଅଭିଲମ୍ବ ସହ 60° କୋଣ ଉତ୍ପନ୍ନ କଲା । ତେବେ ପ୍ରତିଫଳନ କୋଣର ପରିମାଣ କେତେ ହେବ ?

  କ) 40°

  ଖ) 50°

  ଗ) 60°

  ଘ) 70°

- ତୁମେ ବିଜ୍ଞାନଗାରରେ ପାର୍ଶ୍ୱସ୍ଥ ଚିତ୍ରକୁ ଦେଖିଲ। ଯେଉଁଥିରେ <i + <r = 90° ସୂଚାଯାଇଛି, ତେବେ <i ର ପରିମାଣ କେତେ ହେବ ?

  କ) 0°

  ଖ) 30°

  ଗ) 45°

  ଘ) 90°




- କିଶୋରକାଳୀନ ଦ୍ରୁତ ଅଭିବୃଦ୍ଧି ପ୍ରାୟ ________________ବର୍ଷ ବୟସରେ ଆରମ୍ଭ ହୋଇଥାଏ ।

  କ) 10-11

  ଖ) 11-12

  ଗ) 14-19

  ଘ) 14-15

- ପରିବେଶ ସୁରକ୍ଷା ପାଇଁ କେଉଁ କାର୍ଯ୍ୟ ଅଧିକ ଉପଯୁକ୍ତ ?

  କ) ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାର

  ଖ) କାଗଜ ବ୍ୟାଗ୍ ବ୍ୟବହାର

  ଗ) ପଲିଥିନ୍ ବ୍ୟାଗର ବ୍ୟବହାର

  ଘ) ଫ୍ଲେକ୍ସ ବ୍ୟାନର ର ବ୍ୟବହାର

## ୨. ଶୂନ୍ୟସ୍ଥାନ ପୂରଣ କର । ( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ )

- ଦାନ୍ତ ନ ଥିବା ପନିକିରେ ଫଳଟିଏ କାଟି ନହେବାର କାରଣ, ପନିକିର ଧାରର କ୍ଷେତ୍ରଫଳ ଅଧିକ ଯୋଗୁ ଫଳ ଉପରେ ____________କମ୍ ପଡ଼େ ।
- ଯେକୌଣସି ବସ୍ତୁ ଏକ ପୃଷ୍ଠ ଉପରେ ଗତି କରୁଥିବା ବେଳେ________________ ବଳ ତାହାର ଗତିର ବିପରୀତ ଦିଗରେ କ୍ରିୟାଶୀଳ ହୁଏ ।
- ମହାକର୍ଷଣ ବଳର ପରିମାଣ ବସ୍ତୁ ଦ୍ୱୟର ବସ୍ତୁତ୍ୱମାନଙ୍କ ଗୁଣଫଳ ସହ ____________।
- ପୁରୁଷମାନଙ୍କର କଣ୍ଠ ରଜ୍ଜୁର ଦୈର୍ଘ୍ୟ ______ ମିଲିମିଟର ।
- କାଲିଡ଼ୋସ୍କୋପର ସୁନ୍ଦର ଡିଜାଇନ ____________ ପ୍ରକ୍ରିୟା ଯୋଗୁଁ ସୃଷ୍ଟି ହୋଇଥାଏ ।
- __________ + ଅକସିଜେନ୍ → ଅଧାତବ ଅକ୍ସାଇଡ
- MgO +H2O →______________
- $2Na + 2\ H_2O \rightarrow 2$ ____________ $+ H_2O$
- $CuSO_4 + Fe \rightarrow$ ___________ $+ Cu$
- ମନୁଷ୍ୟ ଶରୀରରେ ୨୩ ଯୋଡା ଗୁଣସୂତ୍ର ମଧ୍ୟରୁ ________ଯୋଡା ଲିଙ୍ଗ ଗୁଣସୂତ୍ର ଅଟେ ।
- ଘର୍ଷଣ କମାଇବା ପାଇଁ ଗ୍ରୀସ କିମ୍ବା ତୈଳ କୁ ________ ରୂପେ ବ୍ୟବହାର କରାଯାଏ ?

## ୩. ପ୍ରଥମ ଯୋଡାର ସଂପର୍କକୁ ଲକ୍ଷ୍ୟ କରି ଦ୍ୱିତୀୟ ଯୋଡ଼ା ପାଇଁ ଶୂନ୍ୟସ୍ଥାନ ପୂରଣ କର। ( ପ୍ରତ୍ୟେକ ପ୍ରଶ୍ନର ୧ ନମ୍ବର ବିଶିଷ୍ଟ )

- ଫୁଲ ତୋଳା : ଟଣାବଳ :: ବଲ ମାରିବା : ____________________
- ଉଜ୍ଜ୍ୱଳ ଆଲୋକ ପ୍ରତି ସମ୍ବେଦନଶୀଳ: କୋନସ୍ : : କ୍ଷୀଣ ଆଲୋକ ପ୍ରତି ସମ୍ବେଦନଶୀଳ :

  ____________________
- ଝିଅ: XX : ପୁଅ :: ______________
- ଜଙ୍ଗଲ ଧ୍ୱଂସ:ବିଶ୍ୱତାପନ : : ମୃତ୍ତିକା ଉର୍ବରତା ହ୍ରାସ ________

## ୪. ଗୋଟିଏ ଧାଡିରେ / ଶବ୍ଦରେ ଉତ୍ତର ଲେଖ । ( ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ)

- ତୁମଠାରେ ଦେଖାଯାଉଥିବା ତୁମ ପିତାମାତାଙ୍କର କେତେକ ଗୁଣ, କୋଷ ମଧ୍ୟରେ ଥିବା ନ୍ୟଷ୍ଟିର କେଉଁ ଅଂଶ ଦ୍ୱାରା ବହନ ହୋଇଥାଏ ?

  ---------------------------------------------------------------------------------
- ଉପଧାତୁ କାହାକୁ କୁହନ୍ତି ? ଏହାର ଏକ ଉଦାହରଣ ଦିଅ ।

  ---------------------------------------------------------------------------------
- ହ୍ୟାଲିଙ୍କ ଧୂମକେତୁ ସମ୍ପର୍କରେ ଦୁଇଟି ତଥ୍ୟ ପ୍ରଦାନ କର ।

  ---------------------------------------------------------------------------------
- କେଉଁ ବୈଜ୍ଞାନିକ କିଣ୍ୱନ ପଦ୍ଧତି ଉଦ୍ଭାବନ କରିଥିଲେ ?

  ---------------------------------------------------------------------------------
- ପ୍ରକୃତିରେ କେଉଁ ଧାତୁ ତରଳ ଅବସ୍ଥାରେ ଥାଏ ?

  ---------------------------------------------------------------------------------
- ଲୋହିତ ଗ୍ରହ କାହାକୁ କୁହାଯାଏ?

  ---------------------------------------------------------------------------------
- ପୃଥିବୀର ଆବର୍ତ୍ତନ କାଳ କେତେ ?

--------------------------------------------------------------------------------

- କେଉଁ ମହାକାଶଚାରୀ ସର୍ବପ୍ରଥମେ ଚନ୍ଦ୍ର ପୃଷ୍ଠରେ ଅବତରଣ କରିଥିଲେ ?

--------------------------------------------------------------------------------

- ଧଳା ଫସଫରସ କାହା ସଂସ୍ପର୍ଶରେ ଆସିଲେ ଆପେ ଆପେ ଜଳିଯାଏ ?

--------------------------------------------------------------------------------

- ଗୋଟିଏ ପେଟ୍ରୋଲ ଭିଜା କପଡା ଉପରକୁ ଜଳନ୍ତା ଦିଆସିଲି ପକାଇଲେ ଏହା ସଙ୍ଗେ ସଙ୍ଗେ ଜଳି ଉଠେ । ଏହା କେଉଁ ପ୍ରକାର ଦହନର ଏକ ଉଦାହରଣ ?

--------------------------------------------------------------------------------

- କୌଣସି ଦୋଳନଶୀଳ ବସ୍ତୁ ପ୍ରତି ସେକେଣ୍ଡରେ ଯେତେଗୋଟି ପୂର୍ଣ୍ଣ ଦୋଳନ କରେ ତାହାକୁ ତାହାର କ'ଣ କୁହାଯାଏ?

--------------------------------------------------------------------------------

- ରବି ଫସଲ ସାଧାରଣତଃ  କେଉଁ ମାସରୁ କେଉଁ ମାସ ପର୍ଯ୍ୟନ୍ତ ଚାଷ କରାଯାଏ ?

--------------------------------------------------------------------------------

- ଶିଳ୍ପକ୍ଷେତ୍ରରେ କଳାହୀରା କାହାକୁ କୁହାଯାଏ ?

--------------------------------------------------------------------------------

- ଗୋଟିଏ ଅନ୍ତଃସ୍ରାବୀ ଗ୍ରନ୍ଥିର ନାମ ଲେଖ  ।

--------------------------------------------------------------------------------

- ପ୍ରଯୁକ୍ତ ବଳ ଥାଇ ବସ୍ତୁଟି ଗତିଶୀଳ ହେଉନଥିବା ଅବସ୍ଥାରେ ପୃଷ୍ଠଟି ଉପରେ କ୍ରିୟାଶୀଳ ଘର୍ଷଣ ବଳକୁ  କ'ଣ  କୁହାଯାଏ?

--------------------------------------------------------------------------------

- ରସାୟନିକ ପଦ୍ଧତିରେ ଜଳର ବିଶୋଧନ ପାଇଁ ରାସାୟନିକ ପଦ୍ଧତିରେ ଜଳରେ କେଉଁ ବଟିକା ବ୍ୟବହାର କରାଯାଏ  ?

---------------------------------------------------------------------------------

- ଓଜନ ସ୍ତର କେଉଁ ରଶ୍ମିକୁ ଶୋଷିନିଏ ?

---------------------------------------------------------------------------------

## ୫. ଉତ୍ତର ଲେଖ । ( ପ୍ରତ୍ୟେକ ପ୍ରଶ୍ନ ୨  ନମ୍ବର ବିଶିଷ୍ଟ )

- ବିଜୁଳି ଘଡ଼ଘଡ଼ି ସମୟରେ ମୋବାଇଲ ବ୍ୟବହାର କାହିଁକି ଅସୁରକ୍ଷିତ ଅଟେ?

---------------------------------------------------------------------------------

---------------------------------------------------------------------------------

- ବାୟୁମଣ୍ଡଳରେ $CO_2$ ଗ୍ୟାସ ବୃଦ୍ଧିର ଦୁଇଟି କାରଣ କ'ଣ?

---------------------------------------------------------------------------------

---------------------------------------------------------------------------------

- ଚନ୍ଦ୍ର କଳାର ହ୍ରାସ ଓ ବୃଦ୍ଧିକୁ ଚିତ୍ର ମାଧ୍ୟମରେ ଦର୍ଶାଅ ?

- ହାଇଡ୍ରାର କୋରକୋଦଗମ ପ୍ରକ୍ରିୟା ନାମାଙ୍କିତ ପ୍ରବାହ ଚିତ୍ର ଦ୍ୱାରା ଦର୍ଶାଅ ।

- ବର୍ତ୍ତମାନ ପରିପ୍ରେକ୍ଷୀରେ କାଗଜର ବହୁଳ  ଅପବ୍ୟବହାର କରାଯାଉଅଛି।  ଏହାର ଅପଚୟକୁ ରୋକିବା ପାଇଁ ତୁମେ କେଉଁ ସବୁ ଉପାୟ ଅବଲମ୍ବନ କରିବ?

---------------------------------------------------------------------------------

---------------------------------------------------------------------------------

- ପୁନଃବନୀକରଣ କାର୍ଯ୍ୟକ୍ରମରେ ତୁମର ଦୁଇଟି ଭୂମିକା ଲେଖ ।

--------------------------------------------------------------------------------

--------------------------------------------------------------------------------

## ୬. ଉତ୍ତର ଲେଖ । ( ପ୍ରତ୍ୟେକ ପ୍ରଶ୍ନ ୩ ନମ୍ବର ବିଶିଷ୍ଟ )

- ଥର୍ମୋପ୍ଲାଷ୍ଟିକସ ଓ ଥର୍ମୋସେଟିଙ୍ଗ ପ୍ଲାଷ୍ଟିକସ ମଧ୍ୟରେ ତିନୋଟି ପାର୍ଥକ୍ୟ ଲେଖ ।

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

- ବଳର ପ୍ରଭାବ ଦ୍ୱାରା ବସ୍ତୁରେ ହେଉଥିବା ତିନୋଟି ପରିବର୍ତ୍ତନ ଲେଖ ।

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

- ତୁମେ ଖରାଦିନେ ସନ୍ଧ୍ୟା ଆକାଶରେ ଧ୍ରୁବ ତାରା କିପରି ଠାବ କରିବ ?

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

- ପୃଥିବୀର ବୈଜ୍ଞାନିକମାନେ ଯଦି କୃତ୍ରିମ ଉପଗ୍ରହ ପ୍ରେରଣ କରିନଥାନ୍ତେ , ତେବେ ଏହା ଆମ ଦୈନନ୍ଦିନ ଜୀବନରେ କ'ଣ ପ୍ରଭାବ ପକାଇଥାନ୍ତା ?

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

* ସ୍ୱତଃ ଦହନ ଓ ଦ୍ରୁତ ଦହନ ମଧ୍ୟରେ ପାର୍ଥକ୍ୟ ଉଦାହରଣ ସହ ବୁଝାଅ ।

---------------------------------------------------------------------------------

---------------------------------------------------------------------------------

---------------------------------------------------------------------------------

* ଓଦା ହାତରେ ବିଦ୍ୟୁତ ପରିପଥ ମରାମତି କରିବା ନିରାପଦ କି? ତୁମ ଉତ୍ତର ସପକ୍ଷରେ କାରଣ ଲେଖ ।

---------------------------------------------------------------------------------

---------------------------------------------------------------------------------

* କିଛିଦିନ ସାଇକଲ ଚଳାଇବା ପରେ ଏଥିରେ ଲାଗିଥିବା ବଲ୍ ବିୟରିଂ ବଦଳାଇବାକୁ ପଡ଼ିଥାଏ, କାହିଁକି ?

---------------------------------------------------------------------------------

---------------------------------------------------------------------------------

---------------------------------------------------------------------------------

* ଜଳ ଅପଚୟକୁ ରୋକିବା ପାଇଁ ତୁମେ କେଉଁ ସବୁ ପଦକ୍ଷେପ ଗ୍ରହଣ କରିବ ?

---------------------------------------------------------------------------------

---------------------------------------------------------------------------------

---------------------------------------------------------------------------------

## ୭. ଉତ୍ତର ଲେଖ । ( ପ୍ରତ୍ୟେକ ପ୍ରଶ୍ନ ୫ ନମ୍ବର ବିଶିଷ୍ଟ )

* ଇନ୍ଧନ କହିଲେ କ'ଣ ବୁଝ? ଗୋଟିଏ ଆଦର୍ଶ ଇନ୍ଧନର ଲକ୍ଷଣଗୁଡିକ ଲେଖ ।

- କମ୍ପନର ଆୟାମ, ଆବର୍ତ୍ତ କାଳ ଓ ଆବୃତି କ'ଣ ବୁଝାଇ ଲେଖ ?

- କୋଷ କାହାକୁ କୁହାଯାଏ? ପ୍ରାକ ନ୍ୟଷ୍ଟିୟ କୋଷ ଓ ସୁନ୍ୟଷ୍ଟିୟ କୋଷ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

- ରସଧାନୀ ଓ ଲବକର ଗଠନ ଓ କାର୍ଯ୍ୟ ବର୍ଣ୍ଣନା କର ।

# <u>ଅଭ୍ୟାସ ପ୍ରଶ୍ନ</u>

**ଅଷ୍ଟମ ଶ୍ରେଣୀ** **ବିଷୟ : ଇତିହାସ**

**ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିମନ୍ତେ ସୂଚନା :**

- ଚଳିତ ଶିକ୍ଷା ବର୍ଷ (୨୦୨୫-୨୦୨୬)ରେ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷାର ମୂଲ୍ୟାୟନ ରୂପରେଖ ଅନୁଯାୟୀ ଇତିହାସ ବିଷୟରେ ଥିବା ବିଭିନ୍ନ ଅଧ୍ୟାୟକୁ ନେଇ ଏହି ଅଭ୍ୟାସ ପ୍ରଶ୍ନଗୁଡିକ ପ୍ରସ୍ତୁତ କରାଯାଇଛି । ଏଥିରେ ଜ୍ଞାନାତ୍ମକ, ବୋଧାତ୍ମକ ଓ ପ୍ରୟୋଗାତ୍ମକ ପ୍ରଶ୍ନଗୁଡିକ ସ୍ଥାନିତ କରାଯାଇଛି ।
- ଏଥିରେ ଥିବା ସମସ୍ତ ପ୍ରଶ୍ନ ଶିକ୍ଷଣ ଫଳାଫଳ ଅଧାରିତ ଅଟେ ।
- ପ୍ରଶ୍ନର ପ୍ରକାର ଦୃଷ୍ଟିରୁ ଶୂନ୍ୟସ୍ଥାନ ପୂରଣ, ଗୋଟିଏ ବାକ୍ୟରେ ଉତ୍ତର ଦେବା, ଠିକ ଉତ୍ତରଟି ବାଛି ଲେଖିବା, ପାର୍ଥକ୍ୟ ଦର୍ଶାଇବା ଏବଂ ମାନଚିତ୍ର ଅଧ୍ୟୟନ ସମ୍ପର୍କିତ ପ୍ରଶ୍ନଗୁଡିକ ରହିଛି ।
- ଶିକ୍ଷକ/ଶିକ୍ଷୟିତ୍ରୀମାନେ ଶ୍ରେଣୀରେ ଏହିପରି ବିଭିନ୍ନ ପ୍ରକାର ପ୍ରଶ୍ନ ପ୍ରସ୍ତୁତ କରି ଏବଂ ପୁସ୍ତକର ଅଧ୍ୟାୟଗୁଡିକରେ ଥିବା ପ୍ରଶ୍ନକୁ ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଅଭ୍ୟାସ କରାଇବେ।

## ୧. ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର । (ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।)

କ . ରାଜ୍ୟସ୍ୱତ୍ତ୍ୱଲୋପ ନୀତି ଦ୍ୱାରା ଓଡ଼ିଶାର--------ଦେଶୀୟ ରାଜ୍ୟ ଇଂରେଜ ସାମ୍ରାଜ୍ୟ ଭୁକ୍ତ ହୋଇଥିଲା ।

(ସମ୍ବଲପୁର, ନିଳଗିରି, ଢେଙ୍କାନାଳ, କେନ୍ଦୁଝର)

ଖ. ସାମନ୍ତ ସନ୍ଧି ପ୍ରଥା-------- ପ୍ରଚଳନ କରିଥିଲେ ।

(କ୍ଲାଇବ, ୱେଲେସଲି, ଡେଲହାଉସୀ, କର୍ଣ୍ଣୱାଲିସ)

ଗ. ସାଂସ୍କୃତିକ କାର୍ଯ୍ୟକ୍ରମ ଛଳରେ ___________ଆଦିବାସୀ ସମ୍ପ୍ରଦାୟ ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ ପାଇଁ ପ୍ରସ୍ତୁତ ହୋଇଥିଲେ ।

(କନ୍ଧ, କୋହ୍ଲ, ସାନ୍ତାଳ, ଭୂୟାଁ )

ଘ. ଚକରା ବିଶୋଇ___________ ଆଦିବାସୀ ସମ୍ପ୍ରଦାୟର ନେତୃତ୍ୱ ନେଇଥିଲେ ।

(କନ୍ଧ, କୋହ୍ଲ, ସାନ୍ତାଳ, ଭୂୟାଁ )

ଙ. ଇଂରେଜ ଶାସନ କାଳରେ ବିନା ମଜୁରୀରେ କାମ କରିବାକୁ ବାଧ କରାଯିବା ପ୍ରଥାକୁ ---------- କୁହାଯାଏ ।

(ବେଠି, ବେଗାରି, ମାଗଣ, ରସଦ )

ଚ. କେନ୍ଦୁଝରରେ 'ରତ୍ନାମେଳି' --------- ମସିହାରେ ହୋଇଥିଲା ।

(୧୮୬୮, ୧୮୯୧, ୧୮୯୮, ୧୮୯୯)

ଛ. ଲୋକସଭାର ସଦସ୍ୟ ହେବା ପାଇଁ ଅତି କମ୍ ରେ __________ ବର୍ଷ ବୟସ ହୋଇଥିବା ଆବଶ୍ୟକ ।

(୧୮, ୨୧, ୨୫, ୩୦)

**୨. ଠିକ୍ ଉତ୍ତରଟି ବାଛି ଡାହାଣ ପାଖରେ ଥିବା କୋଠରିରେ ଠିକ୍ ଚିହ୍ନ (✓)ଦିଅ । (ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।)**

- **ମୀରକାଶିମ ନିଜର ରାଜଧାନୀକୁ ମୁର୍ଶିଦାବାଦରୁ ମୁଙ୍ଗେରକୁ ଉଠାଇନେବାର କାରଣ-**

  (କ)ଇଂରେଜମାନଙ୍କ ପ୍ରଭାବରୁ ଦୂରରେ ରହି ଶାସନ କରିବା ☐

  (ଖ)ଇଂରେଜମାନଙ୍କୁ ବାଣିଜ୍ୟ ପାଇଁ ଅଧିକ ସୁବିଧା ଦେବା ☐

  (ଗ)ଇଂରେଜମାନଙ୍କଠାରୁ ଅଧିକ ବାଣିଜ୍ୟ କର ଆଦାୟ କରିବା ☐

  (ଘ)ଇଂରେଜ ସୈନ୍ୟଙ୍କ ଆକ୍ରମଣରୁ ରକ୍ଷା ପାଇବା ☐

- **ଇଂଲଣ୍ଡର ରାଜା ଦ୍ୱିତୀୟ ଚାର୍ଲସ କିପରି ବମ୍ବେ ଅଧିକାର କଲେ?**

  (କ)ପର୍ତ୍ତୁଗୀଜମାନଙ୍କୁ ଯୁଦ୍ଧରେ ପରାସ୍ତ କରି ☐

  (ଖ)ପର୍ତ୍ତୁଗାଲର ରାଜାଙ୍କଠାରୁ ଯୌତୁକ ଭାବରେ ପାଇ ☐

  (ଗ) ପର୍ତ୍ତୁଗୀଜମାନଙ୍କଠାରୁ କ୍ରୟ କରି ☐

  (ଘ) ପର୍ତ୍ତୁଗୀଜମାନଙ୍କୁ ବାଣିଜ୍ୟରେ ସାହାଯ୍ୟ କରି ☐

- **ଉଡ଼ସ ଡେସପାଚ ଏକ----------।**

  (କ) ଶିକ୍ଷା ସମ୍ବନ୍ଧୀୟ ଏକ ତଦନ୍ତ ରିପୋର୍ଟ ☐

  (ଖ) ଶିକ୍ଷା ସମ୍ବନ୍ଧୀୟ ଏକ ସୁପାରିଶ ରିପୋର୍ଟ ☐

  (ଗ) ଶିକ୍ଷା ସମ୍ବନ୍ଧୀୟ ଏକ ପରାମର୍ଶ ରିପୋର୍ଟ ☐

  (ଘ) ଶିକ୍ଷା ସମ୍ବନ୍ଧୀୟ ଏକ ମତାମତ ରିପୋର୍ଟ ☐

- **ଇଂରେଜ ଶାସନ କାଳରେ ପାରମ୍ପରିକ ଶିକ୍ଷା ଅନୁଷ୍ଠାନରୁ ପାସ୍ କରିଥିବା ଶିକ୍ଷାର୍ଥୀ ସରକାରୀ ଚାକିରି ପାଇଁ ଅଯୋଗ୍ୟ ବିବେଚିତ ହେଲେ କାହିଁକି ?**

  (କ) ମାତୃଭାଷା ଜ୍ଞାନ ନ ଥିବାରୁ ☐

  (ଖ) ସଂସ୍କୃତ ଜ୍ଞାନ ନ ଥିବାରୁ ☐

  (ଗ) ହିନ୍ଦୀ ଜ୍ଞାନ ନ ଥିବାରୁ ☐

  (ଘ) ଇଂରାଜୀ ଜ୍ଞାନ ନ ଥିବାରୁ ☐

- **ଊନବିଂଶ ଶତାବ୍ଦୀରେ ସମାଜ ସଂସ୍କାର ଆନ୍ଦୋଳନ କାହିଁକି ହୋଇଥିଲା ?**

(କ) ଦେଶକୁ ସ୍ୱାଧୀନ କରିବା ପାଇଁ ☐
(ଖ) ଇଂରେଜ ସରକାରଙ୍କୁ ସହଯୋଗ କରିବା ପାଇଁ ☐
(ଗ) ଇଂରେଜ ଶାସନକୁ ବିରୋଧ କରିବା ପାଇଁ ☐
(ଘ) କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର କରିବା ପାଇଁ ☐

- **ଊନବିଂଶ ଶତାବ୍ଦୀରେ ଦେଶରେ ଏକ ଆଧୁନିକ ଶିକ୍ଷିତ ବୁଦ୍ଧିଜୀବୀ ଗୋଷ୍ଠୀ ସୃଷ୍ଟି ହେବାର କାରଣ କ'ଣ ?**

(କ) ନୂଆ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ☐
(ଖ) ଦେଶୀୟ ପାରମ୍ପରିକ ଶିକ୍ଷାକୁ ଗୁରୁତ୍ୱ ☐
(ଗ) ସରକାରୀ ଚାକିରି ପାଇବାକୁ ଆଗ୍ରହ ବୃଦ୍ଧି ☐
(ଘ) ସମାଜ ସଂସ୍କାରମୂଳକ ଅନୁଷ୍ଠାନ ଗଠନ ☐

- **ସମୟ ଓ ଘଟଣା ଦୃଷ୍ଟିରୁ କେଉଁଟି ଠିକ୍?**

(କ) ୧୮୫୫- ନ'ଅଙ୍କ ଦୁର୍ଭିକ୍ଷ ☐
(ଖ) ୧୮୫୩-ଭାରତରେ ପ୍ରଥମ ଲୁଗାକଳ ପ୍ରତିଷ୍ଠା ☐
(ଗ) ୧୮୬୬- ଭାରତରେ ପ୍ରଥମ ଝୋଟକଳ ପ୍ରତିଷ୍ଠା ☐
(ଘ) ୧୯୧୪- ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଆରମ୍ଭ ☐

- **ବନ୍ଦୋବସ୍ତ ବ୍ୟବସ୍ଥା ଦ୍ୱାରା ପ୍ରଜାମାନେ ଋଣଗ୍ରସ୍ତ ହେଲେ କିପରି ?**

(କ) ଖଜଣା ଦେଇ ନ ପାରିବାରୁ ☐
(ଖ) ଫସଲ ଉତ୍ପାଦନ କମିବାରୁ ☐
(ଗ) ଜମି ବିକ୍ରି କରିବାରୁ ☐
(ଘ) ନିର୍ଦ୍ଦିଷ୍ଟ ଖଜଣା ଧାର୍ଯ୍ୟ କରାଯାଇଥିବାରୁ ☐

## ୩. ଠିକ୍ ଉକ୍ତି ପାଖରେ ଠିକ୍ (✓) ଚିହ୍ନ ଓ ଭୁଲ ଉକ୍ତି ପାଖରେ ଭୁଲ (x) ଚିହ୍ନ ଦିଅ । (ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ । )

- ସିପାହୀ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି କୁହାଯାଏ ।
- ମଙ୍ଗଳ ପାଣ୍ଡେ ମିରଟ ଠାରେ ଏନ୍ ଫିଲଡ୍ ବନ୍ଧୁକ ବ୍ୟବହାର କରିବାକୁ ମନା କରିଥିଲେ ।
- ରାଷ୍ଟ୍ରପତି ଲୋକସଭାକୁ ୧୦ ଜଣ ସଦସ୍ୟ ମନୋନୟନ କରିପାରନ୍ତି ।
- ଓଡ଼ିଶାରେ ୧୮୬୬ ମସିହାରେ ନ' ଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା ।
- 'ବନ୍ଦେ ମାତରମ୍' ରବୀନ୍ଦ୍ରନାଥ ଟାଗୋର ରଚନା କରିଥିଲେ ।
- ସାର୍ ସୟଦ୍ ଅହମ୍ମଦ ଖାଁ ମୁସଲମାନମାନଙ୍କ ମଧ୍ୟରେ ନବଜାଗରଣ ସୃଷ୍ଟି କରିଥିଲେ ।
- ଯୋଶେଫ ମାଜିନୀ 'ତରୁଣ ଇଟାଲୀ' ନାମକ ସଂଗଠନ ଗଢିଥିଲେ ।

- ଅଟୋଭନ ବିସମାର୍କ ପ୍ରୁସିଆ ଦେଶର ପ୍ରଧାନମନ୍ତ୍ରୀ ଥିଲେ ।

**୪ . ପ୍ରଥମ ଯୋଡ଼ିରେ ଥିବା ପଦଗୁଡ଼ିକ ମଧ୍ୟରେ ସମ୍ପର୍କକୁ ବୁଝି ଦ୍ୱିତୀୟ ଯୋଡ଼ିରେ ଥିବା ଶୂନ୍ୟସ୍ଥାନ ପୂରଣ କର । (ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।)**

- ରାଷ୍ଟ୍ରପତି : ପରୋକ୍ଷ ଭାବରେ ନିର୍ବାଚିତ : : ରାଜ୍ୟପାଳ :_______________
- କେନ୍ଦ୍ର ଶାସନ : ରାଷ୍ଟ୍ରପତି : : ରାଜ୍ୟ ଶାସନ :__________
- ବିହାର : ନୀଳଚାଷ: :ଆସାମ : __________

**୫. ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ଶବ୍ଦରେ ଲେଖ। (ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।)**

- ଶିଳ୍ପ ବିପ୍ଳବ କେଉଁ ଦେଶରେ ଆରମ୍ଭ ହୋଇଥିଲା ?
- ଇଂରେଜ ଶାସନ କାଳରେ ଅଖଣ୍ଡ ଭାରତରେ ହସ୍ତଶିଳ୍ପର ମୁଖ୍ୟ କେନ୍ଦ୍ର ଥିବା ଯେକୌଣସି ଗୋଟିଏ ସହରର ନାମ ଲେଖ ।
- ଭାରତରେ ସ୍ୱାୟତ୍ତଶାସନ ବ୍ୟବସ୍ଥା କିଏ ପ୍ରଚଳନ କରିଥିଲେ ?
- ଜାତୀୟ କଂଗ୍ରେସ ପ୍ରତିଷ୍ଠା ପାଇଁ ଆଲାନ ଅକ୍ଟୋଭିଆନ ହ୍ୟୁମଙ୍କୁ କିଏ ଉତ୍ସାହିତ କରିଥିଲେ ?
- ପିଲାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବିଦ୍ୟାଳୟ ସ୍ତରରେ ସରକାରଙ୍କ ତରଫରୁ କେଉଁ ପଦକ୍ଷେପ ନିଆଯାଉଛି ?
- ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାରଙ୍କ ତରଫରୁ କେଉଁ କାମ କରାଯାଇଛି ?
- ରାଜ୍ୟବାସୀଙ୍କର ବିଭିନ୍ନ ସମସ୍ୟାକୁ କିଏ ପାର୍ଲିଆମେଣ୍ଟରେ ଉପସ୍ଥାପନ କରିଥାନ୍ତି ?

**୬. ଶୂନ୍ୟସ୍ଥାନ ପୂରଣ କର । (ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।)**

- ରାଇନ ରାଜ୍ୟଗୋଷ୍ଠୀ____________ ଗଠନ କରିଥିଲେ ।
- ୧୭୭୪ ଫିଲାଡେଲଫିଆ ସମ୍ମିଳନୀରେ_____________ଉପନିବେଶ ଯୋଗ ଦେଇ ନଥିଲା ।

**୭. ରେଖାଙ୍କିତ ପଦ ବଦଳାଇ ଭ୍ରମ ସଂଶୋଧନ କରି ଲେଖ ।(ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।)**

- ସାର ଟୋମସ ମୁନରୋ <u>ଚିରସ୍ଥାୟୀ ବନ୍ଦୋବସ୍ତ</u> ବ୍ୟବସ୍ଥା ପ୍ରସ୍ତୁତ କରିଥିଲେ ।

  ------------------------------------------------------------------
- ମହଲୱାରି ବନ୍ଦୋବସ୍ତ ବ୍ୟବସ୍ଥା- <u>ବଙ୍ଗ, ବିହାର ଓ ଓଡ଼ିଶାରେ</u> ପ୍ରଚଳିତ ଥିଲା ।

  ------------------------------------------------------------------
- <u>ଚାଷ ପାଇଁ ଜମି କିଣିବାକୁ</u> ସାଂସଦ ପାଣ୍ଠିର ବିନିଯୋଗ କରାଯାଇ ପାରିବ ।

  ------------------------------------------------------------------

- ଜଣେ ବ୍ୟକ୍ତି ଏକ ସମୟରେ ଅନେକ ରାଜନୈତିକ ଦଳର ସଦସ୍ୟ ହୋଇପାରିବେ ।

 ---------------------------------------------------------------------

- ବଣିକ ସଂଘ ଏକ ରାଜନୈତିକ ଦଳ ।

 ---------------------------------------------------------------------

## ୮ . ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ୨୦ ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ । (ପ୍ରତ୍ୟେକ ପ୍ରଶ୍ନ ୨ ନମ୍ବର ବିଶିଷ୍ଟ ଅଟେ । )

- ଏନ୍ ଫିଲଡ୍ ବନ୍ଧୁକ ବ୍ୟବହାର କରିବାକୁ ଭାରତୀୟ ସିପାହୀମାନେ ମନା କଲେ କାହିଁକି ?

 ---------------------------------------------------------------------

 ---------------------------------------------------------------------

- ଇଂରେଜ ସୈନ୍ୟବାହିନୀରେ ଥିବା ଭାରତୀୟମାନେ ଅସନ୍ତୁଷ୍ଟ ହେବାର ଦୁଇଟି କାରଣ ଲେଖ ।

 ---------------------------------------------------------------------

 ---------------------------------------------------------------------

- ତୁମେ ସୁରେନ୍ଦ୍ରସାଏ ହୋଇଥିଲେ ସମ୍ବଲପୁରବାସୀଙ୍କୁ ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ କରିବା ପାଇଁ କ'ଣ ସବୁ କରିଥାନ୍ତ?

 ---------------------------------------------------------------------

 ---------------------------------------------------------------------

- ତୁମ ମତରେ ୧୮୫୭ ମସିହାର ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବିଫଳ ହେବାର ଦୁଇଟି କାରଣ ଲେଖ ।

 ---------------------------------------------------------------------

 ---------------------------------------------------------------------

- ଲୋକସଭା ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ତୁମ ପାଖରେ ଯେଉଁସବୁ ଯୋଗ୍ୟତା ରହିବା ଆବଶ୍ୟକ, ସେଥିରୁ ଦୁଇଟି ଲେଖ ।

 ---------------------------------------------------------------------

 ---------------------------------------------------------------------

- ଜଣେ ନିର୍ବାଚିତ ଲୋକସଭା ସଦସ୍ୟ ଭାବରେ ତୁମେ ଯେଉଁମାନଙ୍କୁ ନିର୍ବାଚିତ କରିବାରେ ଅଂଶଗ୍ରହଣ କରିପାରିବ, ସେମାନଙ୍କ ମଧ୍ୟରୁ ଦୁଇଟି ଲେଖ ।

-------------------------------------------------------------------------------

----------------------------------------------------------------------------------

- ଶାସକ ରାଜନୈତିକ ଦଳର ସଦସ୍ୟ ଭାବରେ ତୁମେ ଲୋକଙ୍କ ପାଇଁ ଯାହା କରିବ , ସେଥିରୁ ଦୁଇଟି ଲେଖ ।

-------------------------------------------------------------------------------

----------------------------------------------------------------------------------

- ଜଣେ ସାହି ମୁଖିଆ ଭାବରେ ତୁମ ସାହିରେ ଥିବା ଦୁଇଟି ସମସ୍ୟା ଲେଖ ।

-------------------------------------------------------------------------------

----------------------------------------------------------------------------------

## ୯ . ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ତିନିରୁ ଚାରୋଟି ବାକ୍ୟରେ ଲେଖ । (ପ୍ରତ୍ୟେକ ପ୍ରଶ୍ନ ୩ ନମ୍ବର ବିଶିଷ୍ଟ ଅଟେ । )

- ଭାରତୀୟ ନବଜାଗରଣର କେଉଁସବୁ ଚିନ୍ତାଧାରାକୁ ତୁମେ ସମାଜରେ ପ୍ରୟୋଗ କରିବାକୁ ଚାହିଁବ?

-------------------------------------------------------------------------------------------

-------------------------------------------------------------------------------------------

-------------------------------------------------------------------------------------------

- ଜଣେ ସୁ-ନାଗରିକ ଭାବରେ ଲୋକଙ୍କ ମଧ୍ୟରେ ଜାତୀୟଚେତନା ସୃଷ୍ଟି କରିବା ପାଇଁ ନେବାକୁ ଥିବା ପଦକ୍ଷେପଗୁଡ଼ିକ ଲେଖ?

-------------------------------------------------------------------------------------------

-------------------------------------------------------------------------------------------

-------------------------------------------------------------------------------------------

- ଇଂରେଜ ଶାସନ କାଳରେ ନିଜକୁ ଚା ବଗିଚାର ଜଣେ ଶ୍ରମିକ ବୋଲି ଭାବି ତୁମ ପ୍ରତି ହୋଇଥିବା ଅତ୍ୟାଚାର ବିଷୟରେ ଲେଖ ।

----------------------------------------------------------------------------------

----------------------------------------------------------------------------------

----------------------------------------------------------------------------------

- ଇଂରେଜ ଶାସନ ସମୟରେ କୋଠରିରେ ଥିବା କୃଷି ଅଞ୍ଚଳକୁ ମାନଚିତ୍ରରେ ଥିବା ସମ୍ପର୍କିତ ରେଖାଙ୍କିତ ଅଞ୍ଚଳ ସହ ଗାରଟାଣି ଯୋଡ଼ ।



 କଫିଚାଷ ଅଞ୍ଚଳ

ନୀଳଚାଷ ଆଞ୍ଚଳ

ଚା ଚାଷ ଆଞ୍ଚଳ

- ତୁମ ଅଞ୍ଚଳରେ ସାଂସଦଙ୍କ ଦ୍ୱାରା କରାଯାଇଥିବା ତିନୋଟି ଜନହିତକର କାର୍ଯ୍ୟ ଲେଖ ।

------------------------------------------------------------------------------------------

------------------------------------------------------------------------------------------

------------------------------------------------------------------------------------------

- ଗ୍ରାମାଞ୍ଚଳରେ ବାସ କରୁଥିବା ଜଣେ ଅତି ଗରିବ ଲୋକ ଭାବରେ ସାଂସଦଙ୍କ ପାଖରେ ଯେଉଁସବୁ ନିବେଦନ କରିବ, ସେଥିରୁ ତିନୋଟି ଲେଖ ।

------------------------------------------------------------------------------------------

------------------------------------------------------------------------------------------

------------------------------------------------------------------------------------------

- **ନିମ୍ନ ସୂଚନା ଅନୁସାରେ ପାର୍ଥକ୍ୟ ଲେଖ।**

| | ରାଜନୈତିକ ଦଳ | ଚାପଦାୟୀ ଗୋଷ୍ଠୀ |
|---|---|---|
| ଉଦେଶ୍ୟ : | __________ | __________ |
| ସଦସ୍ୟ ସଂଖ୍ୟା : | __________ | __________ |
| କାର୍ଯ୍ୟକ୍ରମ: | __________ | __________ |

- ରାଜନୈତିକ ଦଳ ଓ ଚାପଦାୟୀ ଗୋଷ୍ଠୀ ମଧ୍ୟରେ ଥିବା ଭିନ୍ନତା ବିଷୟରେ ତିରିଶିଟି ଶବ୍ଦ ମଧ୍ୟରେ ଲେଖ ।

------------------------------------------------------------------------------------------

------------------------------------------------------------------------------------------

------------------------------------------------------------------------------------------

**୧୦ . ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପାଞ୍ଚଟି ବାକ୍ୟରେ ଲେଖ । (ପ୍ରତ୍ୟେକ ପ୍ରଶ୍ନ ୫ ନମ୍ବର ବିଶିଷ୍ଟ ଅଟେ । )**

- କେଉଁସବୁ କାରଣରୁ ଭାରତୀୟମାନଙ୍କମଧ୍ୟରେ ସ୍ୱଦେଶୀ ପ୍ରୀତି ବୃଦ୍ଧି ହେଲା ?

- ବ୍ରିଟିଶ ଶାସନନୀତି ଭାରତୀୟମାନଙ୍କୁ ଅସନ୍ତୁଷ୍ଟ କରିଥିଲା କିପରି ?

- ଇଂରେଜମାନେ ଭାରତରେ ଆଧୁନିକ ଶିଳ୍ପ ସ୍ଥାପନ କରିବାର ପାଞ୍ଚଟି କାରଣ ଲେଖ ।

- ଇଂରେଜ ଶାସନ କାଳରେ ଭାରତର ହସ୍ତଶିଳ୍ପ ପତନ ହେବାର କାରଣଗୁଡ଼ିକୁ କୋଠରିରେ ଲେଖ।



# ଅଭ୍ୟାସ ପ୍ରଶ୍ନ

**ଅଷ୍ଟମ ଶ୍ରେଣୀ** **ବିଷୟ : ଭୂଗୋଳ**

**ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିମନ୍ତେ ସୂଚନା :**

- ଚଳିତ ଶିକ୍ଷା ବର୍ଷ (୨୦୨୫-୨୦୨୬)ରେ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷାର ମୂଲ୍ୟାୟନ ରୂପରେଖ ଅନୁଯାୟୀ ଭୂଗୋଳ ବିଷୟରେ ଥିବା ବିଭିନ୍ନ ଅଧ୍ୟାୟକୁ ନେଇ ଏହି ଅଭ୍ୟାସ ପ୍ରଶ୍ନଗୁଡିକ ପ୍ରସ୍ତୁତ କରାଯାଇଛି । ଏଥିରେ ଜ୍ଞାନାତ୍ମକ, ବୋଧାତ୍ମକ ଓ ପ୍ରୟୋଗାତ୍ମକ ପ୍ରଶ୍ନଗୁଡିକ ସ୍ଥାନିତ କରାଯାଇଛି ।
- ଏଥିରେ ଥିବା ସମସ୍ତ ପ୍ରଶ୍ନ ଶିକ୍ଷଣ ଫଳାଫଳ ଅଧାରିତ ଅଟେ ।
- ପ୍ରଶ୍ନର ପ୍ରକାର ଦୃଷ୍ଟିରୁ ଶୂନ୍ୟସ୍ଥାନ ପୂରଣ, ଗୋଟିଏ ବାକ୍ୟରେ ଉତ୍ତର ଦେବା, ଠିକ ଉତ୍ତରଟି ବାଛି ଲେଖିବା, ସମ୍ପର୍କ ସ୍ଥାପନ କରିବା , କାରଣ ଦର୍ଶାଇବା , ପାର୍ଥକ୍ୟ ଦର୍ଶାଇବା ଏବଂ ମାନଚିତ୍ର ଅଧ୍ୟୟନ ସମ୍ପର୍କିତ ପ୍ରଶ୍ନଗୁଡିକ ରହିଛି ।
- ଶିକ୍ଷକ/ଶିକ୍ଷୟିତ୍ରୀମାନେ ଶ୍ରେଣୀରେ ଏହିପରି ବିଭିନ୍ନ ପ୍ରକାର ପ୍ରଶ୍ନ ପ୍ରସ୍ତୁତ କରି ଏବଂ ପୁସ୍ତକର ଅଧ୍ୟାୟଗୁଡିକରେ ଥିବା ପ୍ରଶ୍ନକୁ ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଅଭ୍ୟାସ କରାଇବେ।

## ୧. ଶୂନ୍ୟସ୍ଥାନ ପୂରଣ କର । (ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।)

- ଯେଉଁ ସମ୍ବଳଗୁଡିକର ଠିକ ପରିମାଣ ଓ ମାନ ଜଣାନାହିଁ ସେଗୁଡିକୁ _______ ସମ୍ବଳ କୁହାଯାଏ ।
- ପ୍ରଯୁକ୍ତି ବିଦ୍ୟା _______ ସମ୍ବଳର ଅନ୍ତର୍ଭୁକ୍ତ ।
- ପ୍ରାକୃତିକ ସମ୍ବଳର ଭରଣ ଦୃଷ୍ଟିରୁ ପବନ________ ସମ୍ବଳର ଅନ୍ତର୍ଭୁକ୍ତ ।
- ଜନସଂଖ୍ୟା ତଥା ଲୋକଙ୍କ ଶାରୀରିକ ଓ ମାନସିକ ଦକ୍ଷତାକୁ _______ ସମ୍ବଳ କୁହାଯାଏ ।
- ଯେଉଁ ଶିଳାରେ ଖଣିଜ ମିଶିରହିଥାଏ ତାହାକୁ _________ କୁହାଯାଏ ।
- କୌଣସି ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଜନସଂଖ୍ୟାରେ ଘଟୁଥିବା ହ୍ରାସ ବୃଦ୍ଧିକୁ ---------- କୁହାଯାଏ ।
- କୃଷ୍ଣ ସୁବର୍ଣ୍ଣ ________କୁ କୁହାଯାଏ ।
- ଜନସଂଖ୍ୟା ପିରାମିଡର ______ରୁ ସେହି ଦେଶରେ ରହୁଥିବା ଲୋକଙ୍କ ସମ୍ବନ୍ଧରେ ଜଣାପଡେ ।

## ୨. ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ ଉତ୍ତରଟିକୁ ବାଛି ଗାର ଉପରେ ଲେଖ । (ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ଅଟେ ।)

- ପୃଥିବୀର ସ୍ଥଳଭାଗ ପୃଥିବୀ ପୃଷ୍ଠରେ ମୋଟ କ୍ଷେତ୍ରଫଳର ଶତକଡା କେତେ ଭାଗ ?
  (କ)୨୭ (ଖ) ୩୯ (ଗ)୨୯ (ଘ) ୩୧ ---------------------
- ଓଡିଶାର ମୋଟ ଅଞ୍ଚଳର କେତେ ଶତକଡା ଭୂମି କୃଷିକାର୍ଯ୍ୟ ପାଇଁ ବ୍ୟବହୃତ ହେଉଛି?
  (କ)୪୭ (ଖ) ୩୭ (ଗ)୩୯ (ଘ) ୪୩ ------------------------------
- ଜଙ୍ଗଲରୁ କାଠ ସଂଗ୍ରହ କରିବା କେଉଁ ପ୍ରକ୍ରିୟା ଅନ୍ତର୍ଭୁକ୍ତ ?
  (କ) ପ୍ରାଥମିକ ପ୍ରକ୍ରିୟା (ଖ) ଦ୍ୱିତୀୟକ ପ୍ରକ୍ରିୟା (ଗ) ତୃତୀୟକ ପ୍ରକ୍ରିୟା (ଘ) ଉପରୋକ୍ତ ସମସ୍ତ

  ----------------------------------
- ରୋପଣ କୃଷି କେଉଁ କୃଷିର ଅନ୍ତର୍ଭୁକ୍ତ ?
